୭ ▶ ରାହୁଲ ଦ୍ରାବିଡ଼ଙ୍କ ପୁଅକୁ ମିଳିଲା ସୁଯୋଗ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

• ବର୍ଷ-୩୩ • ସଂଖ୍ୟା-୧୩୨ • ୧୨ ଜୁନ ୨୦୨୬ ଶୁକ୍ରବାର • ଭୁବନେଶ୍ୱର • Vol -33 • Issue-132 • 12th June 2026, Friday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

3001/34/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨ ବର୍ଷରେ ଗୁଣା ବିକାଶ

# ବିକାଶର ଧାରା ଓଡ଼ିଶା ସାରା

## ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି ସମ୍ବଳିତ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର**
ମନ୍ତ୍ରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର-ଭୁବନେଶ୍ୱର

### ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ

- "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ
- ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ
- ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନ, ୟୁନିଟ୍-୨, ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ
- ଜୟଦେବ ବିହାର ଓ ନନ୍ଦନକାନନ ରୋଡ଼ର କାର୍ଯ୍ୟାରମ୍ଭ
- ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ
- "ସୁଭଦ୍ରା ଶକ୍ତି ସଂବାଦ" ର ଶୁଭାରମ୍ଭ

୧୨ ଜୁନ୍ ୨୦୨୬ | ଅପରାହ୍ନ ୪:୦୦ ଘଟିକା | ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

OIPR : 3001/3029/2/26-27/0014



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର





### କାଠଯୋଡ଼ିରୁ ଡାକ୍ତରୀ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣା

# ମା'ଙ୍କ ଅଭିଯୋଗ ପରେ ବଦଳିଲା ତଦନ୍ତର ମୋଡ଼

**କଟକ, ନ୍ୟୁଜ୍ ବ୍ୟୁରୋ**

କାଠଯୋଡ଼ିରୁ ମୟୂରଭଞ୍ଜ ଜିଲ୍ଲାର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଲା ହେମ୍ବ୍ରମଙ୍କ ମୃତଦେହ ମିଳିବା ଘଟଣା ନୂଆ ମୋଡ଼ ନେଉଛି। ଯୁବତୀଙ୍କ ମା' ହୀରାମଣି ହାଁସଦା ଝିଅର ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କ ନାମରେ ଅଭିଯୋଗ କରିବା ପରେ ପୋଲିସ ମଧ୍ୟ ତଦନ୍ତର ମୋଡ଼ ବଦଳାଇଛି। ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଧାରା ୧୦୮ ଯାହା ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରିବା ଏବଂ ଧାରା ୩ (୫) ଅନୁଯାୟୀ ଏକାଧିକ ବ୍ୟକ୍ତି ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ କରିଛି। ଯୁବତୀଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଭୀମସେନଙ୍କ ସହିତ ତାଙ୍କ ଝିଅର ପ୍ରେମ ସମ୍ପର୍କ ରହିଥିଲା। ଉଭୟ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଭୀମସେନଙ୍କର ଅନ୍ୟଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିବାରୁ ବିବାଦର ସୂତ୍ରପାତ ହୋଇଥିଲା। ତୁମେ ଦେଖିବାକୁ ସୁନ୍ଦର ନୁହଁ; ତୁମେ ଗୋରା ହେଲେ ଯାଇ ତୁମକୁ ବିବାହ କରିବି ବୋଲି ଭୀମସେନ କହିଥିଲେ। ଭୀମସେନ ଠାରୁ ଏକଥା ଶୁଣିବା ପରେ ଝିଅ ଗୋରା ହେବା ପାଇଁ ବିଭିନ୍ନ କସ୍‌ମେଟିକ୍ ଟ୍ରିଟ୍‌ମେଣ୍ଟ କରୁଥିଲା। ଏପରିକି ପ୍ରତି ସପ୍ତାହରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଇଞ୍ଜେକ୍‌ସନ୍ ନେଉଥିଲା। ଭୀମସେନ ଓ ତାଙ୍କର ନୂଆ ବାନ୍ଧବୀଙ୍କ ପାଇଁ ମୋ ଝିଅର ମୃତ୍ୟୁ ଘଟିଛି ବୋଲି ମା' ଅଭିଯୋଗ କରିବା ପରେ ଓଏଏସ୍ ତାଲିମ୍ ନେଉଥିବା ଭୀମସେନ ଫେରାର ହୋଇଯାଇଛନ୍ତି। ଅପରପକ୍ଷରେ ଚନ୍ଦ୍ରିକାଙ୍କ ସମ୍ପର୍କୀୟ ଭଉଣୀ ରଶ୍ମିତା ହାଁସଦା ଅଭିଯୋଗ କରିଛନ୍ତି ଯେ, ଚନ୍ଦ୍ରିକା ଏବଂ ଭୀମସେନ ଦୀର୍ଘ ବର୍ଷ ଧରି ସମ୍ପର୍କରେ ଥିଲେ ଏବଂ ଉଭୟ ପରିବାର ଏହା ଜାଣିଛନ୍ତି। ୨୦୨୭ ଡିସେମ୍ବରରେ ସେମାନେ ବିବାହ କରିବାକୁ ଯୋଜନା କରିଥିଲେ। ତେବେ ଚନ୍ଦ୍ରିକାଙ୍କ ମୃତ୍ୟୁର ପ୍ରାୟ ୨୦ଦିନ ପୂର୍ବରୁ ଭୀମସେନ ଚନ୍ଦ୍ରିକାଙ୍କ ଟଙ୍କାରେ ଏକ ଏୟାର କଣ୍ଡିସ୍‌ନର୍, ରେଫ୍ରିଜିରେଟର୍, ଟେଲିଭିଜନ୍ ଏବଂ ଲ୍ୟାପ୍‌ଟପ୍ ଓ ଆଇପ୍ୟାଡ୍ ସମେତ ଅନେକ ଘରୋଇ ସାମଗ୍ରୀ କିଣିଥିଲେ ଏବଂ ପରେ ସେଗୁଡ଼ିକୁ ତାଙ୍କ ବାସଭବନକୁ ନେଇଯାଇଥିଲେ। ଭୀମସେନ ଓ ତାଙ୍କ ନୂଆ ବାନ୍ଧବୀ ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍‌ସିଆଲ୍ ମ୍ୟାନେଜ୍‌ମେଣ୍ଟରେ ଟ୍ୟାକ୍ସ ଆଣ୍ଡ ଆକାଉଣ୍ଟରେ ତାଲିମ୍ ନେଉଥିଲେ। ସେଠାରେ ହିଁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଏହି ଘଟଣାରେ ବାରଙ୍ଗ ପୋଲିସ ଉକ୍ତ ଅନୁଷ୍ଠାନର ନିର୍ଦ୍ଦେଶକଙ୍କୁ ତଦନ୍ତ ପରିସରଭୁକ୍ତ କରିବ। ଭୀମସେନ ଓ ନୂଆ ବାନ୍ଧବୀ ଯେଉଁ ହଷ୍ଟେଲ୍‌ରେ ରହୁଥିଲେ ସେଠାର ହଷ୍ଟେଲ୍ ଇନ୍‌ଚାର୍ଜଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ବାରଙ୍ଗ ଥାନା ଦାୟିତ୍ୱରେ ଥିବା ପୁରୀଘାଟ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଅପରପକ୍ଷରେ ଭୀମସେନଙ୍କ ନୂଆ ବାନ୍ଧବୀଙ୍କୁ ପୂର୍ବରୁ ପୋଲିସ ଜେରା କରିସାରିଛି। ଆବଶ୍ୟକ ପଡ଼ିଲେ ପୁଣି ତାଙ୍କୁ ଥାନାକୁ ଡକାଯିବ ବୋଲି ଶ୍ରୀ ନାୟକ କହିଛନ୍ତି। ଏଥିପୂର୍ବରୁ ଭୀମସେନଙ୍କ ବାପାଙ୍କୁ ମଧ୍ୟ ମୈତ୍ରୀବିହାର ଥାନାରେ ପଚରାଉଚରା କରାଯାଇଥିଲା। ଘଟଣାଦିନ ଚନ୍ଦ୍ରିକା ଯେଉଁ ଅଟୋରେ ଆସିଥିଲେ, ତାହାର ଚାଳକଙ୍କୁ ଜେରା କରାଯାଇଛି। ଅଟୋ ଚାଳକଙ୍କ କହିବା କଥା ଚନ୍ଦ୍ରିକାଙ୍କୁ ବରମୁଣ୍ଡାରୁ ନେଇ ଚନ୍ଦକା ରାସ୍ତା ଦେଇ କଟକ ଅଭିମୁଖେ ଆସିଥିଲେ। ସେ କଟକରେ ଥିବା ତାଙ୍କ ସାଙ୍ଗ ପାଖକୁ ଯାଇଥାନ୍ତେ। ହେଲେ ତ୍ରିଶୂଳିଆ ନିକଟରେ ସନ୍ଧ୍ୟା ୬ଟା ସୁଦ୍ଧା ଚନ୍ଦ୍ରିକା ଅଟୋରୁ ଓହ୍ଲାଇ ଯାଇଥିଲେ। ପୋଲିସ ଜବତ କରିଥିବା ଏକ ଡାଇରୀରେ ତିନିଥର 'ଡାଏ' ଲେଖା ଯାଇଛି। ତେବେ ଉକ୍ତ ଡାଏରୀ ଚନ୍ଦ୍ରିକାଙ୍କର କି ଆଉ କାହାର ତାହା ତଦନ୍ତ ପରେ ଜଣାପଡ଼ିବ। ବର୍ତ୍ତମାନ ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଏଥିପାଇଁ ୩ଟି ଦଳ ଗଠନ କରାଯାଇଛି। ଭୀମସେନଙ୍କୁ ଖୋଜିବା ପାଇଁ ମଧ୍ୟ ଦଳ ନିୟୋଜିତ ରହିଛନ୍ତି। ଆଗକୁ ଚନ୍ଦ୍ରିକାଙ୍କ ପରିବାର କି ନ୍ୟାୟ ପାଇବେ ତାହା ପୋଲିସ ତଦନ୍ତ ପରେ ଜଣାପଡ଼ିବ।



## ବ୍ୟାସନଗରରେ ୬ ଡକାୟତ ଗିରଫ:ମାରଣାସ୍ତ୍ର ଜବତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ଯାଜପୁର ରୋଡ ପୋଲିସକୁ ବଡ଼ ସଫଳତା ମିଳିଛି । ଛଅ ଜଣ ଡକାୟତଙ୍କୁ ବାର ଘଣ୍ଟା ମଧ୍ୟରେ ଗିରଫ କରିବାକୁ ସକ୍ଷମ ହୋଇଛି ପୋଲିସ। ଲୁଟ୍ କରିଥିବା ଛଅ ହଜାର ଚାରି ସହ ଟଙ୍କା ଜବତ କରିବା ସଙ୍ଗେ ଖଣ୍ଡା ସହ ମାରଣା ଅସ୍ତ୍ର ଜବତ କରିଛି । ଏ ସମ୍ପର୍କରେ ଯାଜପୁର ରୋଡ ଥାନା ପରିସରରେ ଯାଜପୁର ରୋଡ ଏସ୍‌ଡ଼ିପିଓ ଶରତଚନ୍ଦ୍ର ପାତ୍ର ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇ କହିଲେ ଗତ ୯ ତାରିଖରେ ରାସ୍ତାରେ ସନ୍ଧ୍ୟା ସମୟରେ ମନୋଜ ରଞ୍ଜନ ସହ ମାନସ ଦଳେଇ ସାତବାଆଁସିଆ ଗ୍ରାମର ଦାନଗଦି ରାସ୍ତାରେ ନିଜ ଘର ମାନ ଗୋବିନ୍ଦପୁର ଫେରୁଥିବା ସମୟରେ ଦାନଗଦି ଅଞ୍ଚଳର ଛଅ ଜଣ ଦୁର୍ବୃତ୍ତ ଖଣ୍ଡା ଓ ମରଣା ଅସ୍ତ୍ର ବେକରେ ଲଗାଇ ମାରି ଦେବାକୁ ଧମକ ଦେଇଥିଲେ। ମାଡ଼ ମାରି ଦୁଇଜଣଙ୍କ ପକେଟ୍‌ରୁ ଛଅ ହଜାର ଚାରି ଶହ ଟଙ୍କା ଲୁଟି ନେଉଥିଲେ । ଏ ସମ୍ପର୍କରେ ଦାନ ଗଦି ଫାଣ୍ଡି ରେ ଶ୍ରୀ ନାୟକ ଅଭିଯୋଗ କରିଥିଲେ। ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ପୋଲିସ ଟିମ୍ ଧରି ଦାନ ଗଦି ଅଞ୍ଚଳ ଚଢ଼ଉ କରି ଧୂଳି ଗଡ଼ ଜଙ୍ଗଲରୁ ଛଅ ଜଣଙ୍କୁ ଗିରଫ କରିଥିଲେ। ଡାକାୟତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ:ଗାଁରେ ଆତଙ୍କ

**ରାଜଗାଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାଜଗାଙ୍ଗପୁର ଅଞ୍ଚଳର ଲାଞ୍ଜିବେର୍ଣ୍ଣା ଥାନା ତରକେରା ପଞ୍ଚାୟତ ଅନ୍ତର୍ଗତ ଦାରୁପିସା ଜଙ୍ଗଲ ନିକଟରେ ଜଣେ ଯୁବକଙ୍କୁ ହାତୀ ଆକ୍ରମଣରେ ମୃତ୍ୟୁକୁ ନେଇ ଏକ ଦୁଃଖଦ ଘଟଣା ଘଟିଛି। ସୂଚନା ଅନୁଯାଇ ଲାଞ୍ଜିବେର୍ଣ୍ଣା ଥାନା ଅନ୍ତର୍ଗତ ଦାରୁପିସା ଗ୍ରାମର ପ୍ରକାଶ ଟେଟେ (୫୦) ରବିବାର ଭୋର୍ ସମୟରେ ଗ୍ରାମ ନିକଟସ୍ଥ ମହୁଲ ଗଛରୁ ମହୁଲ ଫୁଲ ସଂଗ୍ରହ ପାଇଁ ଯାଇଥିଲା । ସେହି ସମୟରେ ଏକ ଜଙ୍ଗଲି ହାତୀ ପ୍ରକାଶଙ୍କୁ ଆକ୍ରମଣ କରି ନିକଟସ୍ଥ ଜଙ୍ଗଲକୁ ନେଇଯାଇ ସେଠାରେ କଚାଡି ମାରିଦେଇଥିଲା । ପ୍ରକାଶ ଘରକୁ ବହୁ ସମୟ ଧରି ନଫେରିବା ପରେ ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ । ସକାଳୁ ଗ୍ରାମବାସୀ ଜଙ୍ଗଲ ମଧ୍ୟରେ ପ୍ରକାଶଙ୍କ ମୃତ ଦେହ ପଡ଼ିଥିବା ଦେଖିଥିଲେ। ଗତ କିଛି ଦିନ ଧରି ସମ୍ପୃକ୍ତ ଅଞ୍ଚଳରେ ଏକ ଗୋଠ ଛଡା ହାତୀ ବୁଲୁଥିବା ଯୋଗୁ, ପ୍ରକାଶ ହାତୀ ହାବୁଡ଼ରେ ପଡିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ବନ ବିଭାଗର ରାଜଗାଙ୍ଗପୁର ଉପ ବନଖଣ୍ଡ ଅଧିକାରୀ ଏକ ଦଳ ଏବଂ ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀ ପ୍ରୀତିରଞ୍ଜନ ପରିଡା ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବେଚ୍ଛେଦ ପାଇଁ ରାଜଗାଙ୍ଗପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ପ୍ରକାଶଙ୍କ ଶବକୁ ବ୍ୟବେଚ୍ଛେଦ କରିବା ପରେ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି । ହାତୀଙ୍କ ଘନଘନ ଗତିବିଧିକୁ ନେଇ ସ୍ଥାନୀୟ ଗ୍ରାମବାସୀମାନେ ଚିନ୍ତିତ ହେଉଛନ୍ତି।

## ଛଦ୍ମ ବେଶରେ ଆସି ନିଜ ପତ୍ନୀ ଉପରେ ଏସିଡ଼ ମାଡ଼କଲା ସ୍ୱାମୀ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**



ପାରିବାରିକ କଳହକୁ କେନ୍ଦ୍ର କରି, ଦୀର୍ଘଦିନ ପତ୍ନୀ ଠାରୁ ଅଲଗା ରହୁଥିବା ସ୍ୱାମୀ ମହିଳା ବେଶରେ ଆସି ନିଜ ପତ୍ନୀ ଉପରକୁ ଏସିଡ଼ ଫିଙ୍ଗିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏସିଡ଼ ଫିଙ୍ଗିବା ପରେ ମହିଳାଙ୍କ ଠାରୁ ସ୍କୁଟି ଓ ମୋବାଇଲ୍ ଛଡାଇନେଇ ପଳାଇଥିଲା। ପଳାଇବା ସମୟରେ ସ୍ୱାମୀ ଭାରସାମ୍ୟ ହରାଇ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟାଇବାରୁ ସ୍ଥାନୀୟ ଲୋକେ ତାକୁ କାବୁକରି ନିଶ୍ଚିନ୍ତକୋଇଲି ପୋଲିସ ଜିମା ଦେଇଥିଲେ ଓ ସେ ଜଣେ ମହିଳା ବେଶଧାରୀ ପୁରୁଷ ବୋଲି ଜଣାପଡିଥିଲା । ସୂଚନା ଅନୁଯାୟୀ, ପାରିବାରିକ କାରଣରୁ ମହିଳା ନିର୍ମଳା ଲେଙ୍କା ବାପଘର ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମରେ ରହୁଥିଲେ ଓ ସୁଭଦ୍ରା ଯୋଜନାରେ ନିୟୋଜିତ ଥିଲେ। ବୁଧବାର ସେ ବ୍ଲକ କାର୍ଯ୍ୟାଳୟକୁ ଆସିବା ସମୟରେ ବାଟରେ ଛକି ରହିଥିବା ମହିଳା ବେଶଧାରୀ ସ୍ୱାମୀ ରାକେଶ ରାଉତ ପତ୍ନୀ ଉପରେ ଏସିଡ୍ ଫିଙ୍ଗି ସ୍କୁଟି ଓ ମୋବାଇଲ୍ ନେଇ ପଳାଇଥିଲେ। ଅନ୍ୟପକ୍ଷରେ ପତ୍ନୀ ନିର୍ମଳା ସ୍ୱାମୀଙ୍କ ବିରୁଦ୍ଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ସ୍ୱାମୀକୁ ଅଟକ ରଖି ତଦନ୍ତ ଚଳାଇଛି।

## ଚାରି ପୀଠ ପରେ ପଞ୍ଚମ ପୀଠ ପ୍ରଚାର କରିବା ଶାସ୍ତ୍ର ବିରୋଧୀ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**



ପବିତ୍ର ପର୍ଶୁରାମଙ୍କ ତପୋଭୂମି ମହେନ୍ଦ୍ରଗିରି ମେଳାରେ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀଙ୍କୁ "କାଶୀ ସୁମେରୁ ପୀଠ ଶଙ୍କରାଚାର୍ଯ୍ୟ" ବୋଲି ସମ୍ବୋଧନ କରି ସମସ୍ତ କାର୍ଯ୍ୟକ୍ରମ କରାଯାଇଥିବା ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ଶାସ୍ତ୍ର-ବିରୁଦ୍ଧ ଓ ପାଖଣ୍ଡତା ବୋଲି ଦର୍ଶାଇ ବେଦ ବିଭୂଷଣ ପଣ୍ଡିତ ସମ୍ଭବ କୁମାର ତ୍ରିପାଠୀ ତୀବ୍ର ଆପତ୍ତି କରିଛନ୍ତି। ପଣ୍ଡିତ ତ୍ରିପାଠୀ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛନ୍ତି ଯେ, ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ "ମଠାମ୍ନାୟ ମହାନୁଶାସନମ୍" ଗ୍ରନ୍ଥରେ କେବଳ ଚାରିଟି ପୀଠ- ଗୋବର୍ଦ୍ଧନ ପୀଠ- ପୁରୀ, ଶୃଙ୍ଗେରୀ, ଦ୍ୱାରକା ଓ ଜ୍ୟୋତିର୍ମଠରେ ବିଧାନ କରିଛନ୍ତି। "ନାନ୍ୟୋଂସ୍ତି ଶଙ୍କରାଚାର୍ଯ୍ୟ ପୀଠୋ ଭୁବି କଦାଚନ"- ଅର୍ଥାତ୍ ପୃଥିବୀରେ ଏହା ବ୍ୟତୀତ ଅନ୍ୟ କୌଣସି ଶଙ୍କରାଚାର୍ଯ୍ୟ ପୀଠ ନାହିଁ ବୋଲି ଶାସ୍ତ୍ର କହେ। ମହେନ୍ଦ୍ରଗିରି କ୍ଷେତ୍ର ପୂର୍ବାମ୍ନାୟ ଗୋବର୍ଦ୍ଧନ ପୀଠ ଅଧୀନରେ ଆସେ ଏବଂ ଗୋବର୍ଦ୍ଧନ ପୀଠାଧୀଶ୍ୱର ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ "ସୁମେରୁ ପୀଠ"କୁ ସ୍ୱୀକୃତି ଦେଇନାହାନ୍ତି। ବିବାଦ ଅଧିକ ବଢ଼ିଛି କାରଣ ରାଜ୍ୟର ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିଜ ଫେସ୍‌ବୁକ୍‌ରେ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀଙ୍କୁ "ଶଙ୍କରାଚାର୍ଯ୍ୟ" କହି ପ୍ରଚାର କରିଛନ୍ତି ଏବଂ ତାଙ୍କ ଉପସ୍ଥିତରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରାଯାଇଥିବା ପଣ୍ଡିତ ତ୍ରିପାଠୀ ଅଭିଯୋଗ କରିଛନ୍ତି । ପଣ୍ଡିତ ତ୍ରିପାଠୀଙ୍କ ଅଭିଯୋଗ, "ପବିତ୍ର ପୁରୁଷୋତ୍ତମ ମାସରେ ତପୋଭୂମିରେ ପାଖଣ୍ଡତା କରି ସନାତନ ଧର୍ମର ଅପପ୍ରଚାର କରାଯାଉଛି। ଜଣେ ମନ୍ତ୍ରୀ ଭାବେ ଏହାକୁ ପ୍ରୋତ୍ସାହନ ଦେବା କୋଟି କୋଟି ସନାତନୀଙ୍କ ମନରେ ବିଷ ବୁଣିବା ସଦୃଶ।" ପଣ୍ଡିତ ତ୍ରିପାଠୀ ମନ୍ତ୍ରୀ ଶ୍ରୀ ଜେନାଙ୍କୁ ତୁରନ୍ତ ଫେସ୍‌ବୁକ୍ ପୋଷ୍ଟ ପ୍ରତ୍ୟାହାର କରି ସାର୍ବଜନୀନ କ୍ଷମା ମାଗିବାକୁ ଦାବି କରିଛନ୍ତି। ସେ ଜିଲ୍ଲା ପ୍ରଶାସନ ଓ ମେଳା କମିଟିକୁ ମଧ୍ୟ ତୁରନ୍ତ ଏହି ଶାସ୍ତ୍ର-ବିରୁଦ୍ଧ ପ୍ରଚାର କରିଥିବାରୁ କ୍ଷମା ମାଗନ୍ତୁ । "ଧର୍ମ ରକ୍ଷତି ରକ୍ଷିତଃ"- ଧର୍ମର ରକ୍ଷା କଲେ ଧର୍ମ ଆମକୁ ରକ୍ଷା କରିବ ବୋଲି ସେ କହିଛନ୍ତି।

## ୪୦୦ ଲିଟର ମହୁଲି ମଦ ଜବତ:୫ ମାମଲା ରୁଜୁ

**ରାଉରକେଲା, ନ୍ୟୁଜ୍**

ଗତ ୭ ତାରିଖରେ ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଙ୍କ ନିର୍ଦ୍ଦେଶ କ୍ରମେ, ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ରେଲାପୋଷ, ଡାହିତୋଲା, ସେକ୍ଟର-୨, ବାଗବୁଡି ଅଞ୍ଚଳରେ ଚଢ଼ଉ କରି ୨ ଗୋଟି କ୍ଲେମ୍ କେସ୍ ଏବଂ ୩ ଗୋଟି ଅନ୍‌କ୍ଲେମ୍ କେସ୍ ମୋଟ୍ ୫ ଗୋଟି କେସ୍ ରୁଜୁ କରାଯାଇଛି । ୪୦୦ ଲିଟର ବେଆଇନ୍ ମହୁଲି ମଦ ସହିତ ଗୋଟିଏ ହୁଣ୍ଡାଇ ସାଣ୍ଟ୍ରୋ କାର, ୩୦ ଲିଟର ବେଆଇନ୍ ମହୁଲି ମଦ ସହିତ ଗୋଟିଏ ଟିଭିଏସ୍ ସ୍କୁଟି ଜବତ କରାଯାଇଛି। ୨ ଜଣ ଆସାମୀ କୁଲୁ କୁମ୍ଭାର ଏବଂ କାର୍‌ରେ ଥିବା ଡ୍ରାଇଭର୍ ଜଗା ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ଏବଂ ମୁଖ୍ୟ ଅଭିଯୁକ୍ତ ଓ କାର୍‌ର ମାଲିକଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି । ଏହି ଚଢ଼ଉରେ Excise Inspector ମୋହନ ପଧାନ ଓ inspector ହେମନ୍ତ ମହାନନ୍ଦିଆ, ଏଏସ୍‌ଆଇ ବିନୋଦିନୀ ବେହେରା ଓ ଯୁବରାଜ ବାଗ ଓ ଅନ୍ୟାନ୍ୟ ଷ୍ଟାଫ୍- ସୌମ୍ୟରଞ୍ଜନ ସାହୁ, ଆୟେଶା ମିଂଜ, ହେମମଞ୍ଜରୀ ବିଶ୍ୱାଳ, ତ୍ରିଲୋଚନ ପାଢ଼ୀ, ଆକାଶ ପଟେଲ, ପ୍ରଦୀପ ଲୁଗୁନ, ବବୁଲ ସ୍ୱାଇଁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଲିଲିମା ଭୋଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ରାଉତ ଆଦି ସାମିଲ ଥିଲେ।

### ////////////// କଥା ଦେଇ କଥା ରଖିଲେ ଜିଲ୍ଲାପାଳ //////////////

## କପାଶିରା ଗାଁରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ କପାଶିରା ଗ୍ରାମକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପରାଜ ସାହୁଙ୍କ ଆଗମନ ଅନେକ ଦୃଷ୍ଟିକୋଣରୁ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରଥମତଃ, ଅତୀତରେ କୌଣସି ଜିଲ୍ଲାପାଳ ଏପରି ଭାବରେ ଏହି ଗ୍ରାମକୁ ପରିଦର୍ଶନ କରିନଥିଲେ। ଗତ ୧୮ ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟରେ କପାଶିରା ଗ୍ରାମବାସୀମାନେ ତାଙ୍କୁ ସାକ୍ଷାତ କରିବା ସମୟରେ ସେ ଗ୍ରାମକୁ ଆସିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ପାଳନ କରି ସେ ଗ୍ରାମବାସୀଙ୍କ ହୃଦୟ ଜିଣିନେଲେ। ଗ୍ରାମର ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଜମି ଯୋଗାଇବା ସକାଶେ ରାମପୁର ତହସିଲଦାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କଲେ। ଜମି ଉପଲବ୍ଧ ହେବା ପରେ ଶୀଘ୍ର ପ୍ରକଳ୍ପ ଅନୁମୋଦନ ଓ ଅର୍ଥ ମଞ୍ଜୁରୀ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଲେ। ପାନୀୟଜଳ ସମସ୍ୟାର ସମାଧାନ ସମ୍ପର୍କରେ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଗଲାନାହିଁ । କାର୍ଯ୍ୟରତ ଅଧିକାରୀ ବିଭିନ୍ନ କାରଣ ଦର୍ଶାଇ ଖସିଗଲେ । ଗ୍ରାମବାସୀମାନେ ଗ୍ରାମର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୌରଚାଳିତ ପମ୍ପ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଗୁରାଣ୍ଡି ନାଳା ଉପରେ ନିର୍ମିତ ସେତୁର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏହାର ଲୋକାର୍ପଣ ପୂର୍ବରୁ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନରେ ହେଉଥିବା ବିଳମ୍ବ ପ୍ରସଙ୍ଗ ଉଠାଯାଇଥିଲା। ଏହା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ NOC ଜାରି କରି ପ୍ରଭାବିତ ଓ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଶୀଘ୍ର ପ୍ରାପ୍ୟ ପ୍ରଦାନ କରିବା ପାଇଁ ରାମପୁର ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଲେ। କୁଟାସିଂହା କପାସିରା ନିର୍ମାଣାଧିନ ସୁଉଚ୍ଚ ସେତୁର ସମ୍ପୂର୍ଣ୍ଣକରଣ, ଜମିଅଧିଗ୍ରହଣ ଓ କ୍ଷତିପୂରଣ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଗଲା । ଜିଲ୍ଲାପାଳ ଗ୍ରାମର ଉଭୟ ପ୍ରବେଶ ପଥ ଓ ଗ୍ରାମ ମୁଣ୍ଡର ଶୋଚନୀୟ ପରିସ୍ଥିତି ପରିଦର୍ଶନ କରିବା ସହ ଲୋକମାନଙ୍କୁ ପରିବେଶ ପରିଚ୍ଛନ୍ନତା, କୁଅଭ୍ୟାସ ଓ ଅପବ୍ୟବହାର ପ୍ରତି ସଚେତନ କରିଥିଲେ। ବହୁ ସଂଖ୍ୟାରେ ଉପସ୍ଥିତ ମାତୃ ସମାଜ ମଧ୍ୟ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ସେହିପରି କପାଶିରା ଗ୍ରାମପଞ୍ଚାୟତର ଭୌଗୋଳିକ ପରିସୀମା ମଧ୍ୟରେ ଏବଂ ଭାଲୁଡୁଙ୍ଗୁରି ଅଞ୍ଚଳରେ ଶିଳ୍ପ ନିର୍ଗତ ବର୍ଜ୍ୟବସ୍ତୁ ଓ ପାଉଁଶ ପକାଇବାକୁ ଅନୁମତି ନଦେବା ପାଇଁ ଶତାଧିକ ମହିଳା ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଜିଲ୍ଲାପାଳ ତାଙ୍କ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ପୂରଣ କରିବା ପାଇଁ ସକାରାତ୍ମକ ଆଶ୍ୱାସନା ଦେଇଛନ୍ତି। ସେ ପ୍ରକୃତରେ ଜନସାଧାରଣଙ୍କ ଜିଲ୍ଲାପାଳ ଏବଂ ଜଣେ ଲୋକପ୍ରିୟ ପ୍ରଶାସକ। କପାଶିରା ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛୁ। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗୁରିପାଲି, ସଞ୍ଜିବ କୁମାର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡୁଙ୍ଗୁରିପାଲି, ଅତିରିକ୍ତ ତହସିଲଦାର, ରାମପୁର, ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ, କପାଶିରା ଗ୍ରାମପଞ୍ଚାୟତ, କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସଫଳ କାର୍ଯ୍ୟକ୍ରମ ପାଇଁ ସମସ୍ତ ଗ୍ରାମବାସୀ, ଯୁବସମାଜ, ମାତୃସମାଜ, ବୁଦ୍ଧିଜୀବୀ ଓ ସହଯୋଗୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ।

## ୧୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ:ଜଣେ ଗିରଫ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଧାମନଗର ବ୍ଲକ ଦୋବଲ ନିକଟସ୍ଥ ଦେହୁଡ଼ିଆନନ୍ଦପୁର ପଞ୍ଚାୟତର ଉଡେଇପୁର ଗ୍ରାମରେ ପୋଲିସ ଚଢ଼ଉ କରି ୧୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଦୁର୍ଯ୍ୟୋଧନ ପତିଙ୍କ ପୁଅ ମାନସ ରଞ୍ଜନ ପତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବିଶେଷ ସୂଚନା ପାଇ ଧାମନଗର ପୋଲିସ ବୈତରଣୀ ନଦୀବନ୍ଧ ଅଞ୍ଚଳରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ମାନସ ରଞ୍ଜନ ପତିଙ୍କୁ ଅଟକାଇ ତଲାସୀ ନିଆଯାଇଥିଲା। ତାଙ୍କ ନିକଟରୁ ପ୍ରାୟ ୧୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ହୋଇଥିଲା। ଜବତ ବ୍ରାଉନ୍ ସୁଗାର୍‌ର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ କହିଛି। ଘଟଣା ସମ୍ପର୍କରେ ଧାମନଗର ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଥାନା ଅଧିକାରୀ ସୁବ୍ରଜିତ ଦାସଙ୍କ ନିର୍ଦ୍ଦେଶରେ ଏହି ଚଢ଼ଉରେ ଏସ୍‌ଆଇ ନାରାୟଣ ରାଉତ, ମହେଶ୍ୱର ପ୍ରଧାନ ଓ ଧାମନଗର ଥାନାର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## 'ସମ୍ବଲପୁର ମାଟିରେ ରାଷ୍ଟ୍ର ବିରୋଧୀ ମାନସିକତାକୁ ବରଦାସ୍ତ କରାଯିବନି'

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**



ଓଡ଼ିଶା ଭଳି ବୀର ଏବଂ ସ୍ୱାଧୀନତା ସଂଗ୍ରାମର ପବିତ୍ର ମାଟିରେ ଦେଶବିଭାଜନକାରୀ ତଥା ରାଷ୍ଟ୍ରବିରୋଧୀ ମାନସିକତାକୁ ଓଡ଼ିଶାର ସ୍ୱାଭିମାନୀ ଯୁବ ସମାଜ ଓ ଛାତ୍ର ସମାଜ କେବେବି ଗ୍ରହଣ କରିବେନାହିଁ କି ବରଦାସ୍ତ କରିବେନାହିଁ । ଯେଉଁ କହ୍ନେୟା କୁମାର ଜେଏନ୍‌ୟୁରେ ଠିଆ ହୋଇ ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ଉପରେ ପ୍ରଶ୍ନ ଚିହ୍ନ ଲଗାଇଥିଲେ, ଦେଶ ବିରୋଧୀ ବିଷ ମଞ୍ଜି ବୁଣିଥିଲେ, ଦେଶକୁ ଖଣ୍ଡ ଖଣ୍ଡ କରିବାର 'ଟୁକଡେ ଟୁକଡେ ଗ୍ୟାଙ୍ଗ'ର ବିଷାକ୍ତ ସ୍ଲୋଗାନ୍ ଦେଉଥିଲେ ଏବଂ ସର୍ବଦା ଆତଙ୍କବାଦୀଙ୍କ ଭଳି ସ୍ୱର ଉତ୍ତୋଳନ କରୁଥିଲେ, ସେ ଆଜି କେଉଁ ସାହସରେ ସମ୍ବଲପୁରର ସ୍ୱାଭିମାନୀ ମାଟିରେ ପାଦ ଦେଇ ଓଡ଼ିଶାବାସୀଙ୍କୁ ଜ୍ଞାନ ବାଣ୍ଟୁଛନ୍ତି ବୋଲି ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ ଏକ ପ୍ରେସ୍ ବିବୃତ୍ତି ଜରିଆରେ କହିଛନ୍ତି। ଶ୍ରୀ ନାଏକ ପ୍ରେସ୍ ଇସ୍ତାହାରରେ ଉଲ୍ଲେଖ କରିଛନ୍ତି ଯେ, କଂଗ୍ରେସ ଦଳ ନିଜର ଦେଶବିରୋଧୀ ଚେହେରାକୁ ଲୁଚାଇବା ପାଇଁ ଏଭଳି ଜଣେ ବିବାଦୀୟ ଓ ଦେଶଦ୍ରୋହୀ ମାନସିକତାର ବ୍ୟକ୍ତିଙ୍କୁ ଓଡ଼ିଶା ଆଣି ଏଠାକାର ଶାନ୍ତିପ୍ରିୟ ପରିବେଶକୁ ନଷ୍ଟ କରିବାକୁ ହୀନ ପ୍ରୟାସ କରୁଛି, ଯାହାକୁ ରାଜ୍ୟର ଜନସାଧାରଣ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ ଦେଶର ଶିକ୍ଷା ବ୍ୟବସ୍ଥାରୁ ପରାଧୀନ ମାନସିକତା ଓ ମେକାଉଲେ ଶିକ୍ଷା ପଦ୍ଧତିର ଅନ୍ତ କରିବା ପାଇଁ ଏକ ପ୍ରଗତିଶୀଳ ଏବଂ ଐତିହାସିକ 'ଜାତୀୟ ଶିକ୍ଷା ନୀତି' ଲାଗୁ କରିଛନ୍ତି। ଆଜି ଶ୍ରୀ ପ୍ରଧାନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଭାରତର ଶିକ୍ଷା ବ୍ୟବସ୍ଥା ଆନ୍ତରାଷ୍ଟ୍ରୀୟ ସ୍ତରକୁ ଯାଉଛି, ଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ନୀତିକୁ ଆପଣାଉଛନ୍ତି ଏବଂ ବିଶ୍ୱର ବଡ଼ ବଡ଼ ବିଦେଶୀ କ୍ୟାମ୍ପସ ଆଜି ଭାରତ ମାଟିରେ ପ୍ରତିଷ୍ଠା ହେଉଛି, ଯାହା ଆମ ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ପ୍ରଦାନ କରୁଛି । ଏଭଳି ଜଣେ ରାଷ୍ଟ୍ର ନିର୍ମାତା ତଥା ଯୋଗ୍ୟ ମନ୍ତ୍ରୀଙ୍କ ବିରୋଧରେ କହ୍ନେୟା କୁମାରଙ୍କ ଭଳି ଜଣେ ଅରାଜକତାବାଦୀ ନେତାଙ୍କ ମନ୍ତବ୍ୟ ସୂର୍ଯ୍ୟଙ୍କୁ ଆଲୁଅ ଦେଖାଇବା ସଦୃଶ ଏବଂ ଏହା କଦାପି ଗ୍ରହଣୀୟ ନୁହେଁ; ଦେଶ ବିରୋଧୀ ତତ୍ତ୍ୱ ପ୍ରଚାର କରୁଥିବା ଏଭଳି ବ୍ୟକ୍ତିମାନେ ଓଡ଼ିଶା ଭଳି ପବିତ୍ର ଶିକ୍ଷା ଓ ସଂସ୍କୃତିର ମାଟିରୁ ଦୂରେଇ ରହିବା ଉଚିତ୍। ରାଜ୍ୟରେ ସମ୍ପୂର୍ଣ୍ଣ ରୂପେ ଅସ୍ତିତ୍ୱ ହରାଇ ଦେବାଳିଆ ହୋଇଯାଇଥିବା କଂଗ୍ରେସ ଦଳ ଏବଂ ତାଙ୍କ ନେତା ଭକ୍ତ ଚରଣ ଦାସ ଏବେ ଓଡ଼ିଶାର ଶାନ୍ତି ଓ ସାଂସ୍କୃତିକ ପରିବେଶକୁ ଧୂଳିସାତ୍ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ରଚୁଛନ୍ତି । ବାହାରୁ ଏଭଳି ଦେଶ ବିଭାଜନକାରୀ ତତ୍ତ୍ୱଙ୍କୁ ଆଣି ଭକ୍ତ ଦାସ ଓ ସମଗ୍ର କଂଗ୍ରେସ ଦଳ ଓଡ଼ିଶାରେ ସାମ୍ପ୍ରଦାୟିକ ଅଶାନ୍ତି ଓ ଦଙ୍ଗା କରାଇବାକୁ ଚାହୁଁଛନ୍ତି, ଯାହା ଓଡ଼ିଶାର ପ୍ରତିଟି ସ୍ୱାଭିମାନୀ ନାଗରିକଙ୍କୁ ଗଭୀର ଆଘାତ ଦେଇଛି । ମନ୍ତ୍ରୀ ରବି ନାଏକ ଦୃଢ଼ ଚେତାବନୀ ଦେଇ କହିଛନ୍ତି ଯେ, କଂଗ୍ରେସର ଏହି ଓଡ଼ିଶା-ବିରୋଧୀ ଏବଂ ବିପଜ୍ଜନକ ମାନସିକତାକୁ ଏଠାକାର ଯୁବ ସମାଜ ସଫଳ ହେବାକୁ ଦେବେନାହିଁ। ଏହି ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ଏବଂ ଓଡ଼ିଶାର ସ୍ୱାଭିମାନକୁ ଅପମାନିତ କରିଥିବାରୁ ଭକ୍ତ ଦାସ ଏବଂ ସମଗ୍ର କଂଗ୍ରେସ ଦଳ ତୁରନ୍ତ ଓଡ଼ିଶାବାସୀଙ୍କ ନିକଟରେ ସାର୍ବଜନୀନ ଭାବେ କ୍ଷମା ପ୍ରାର୍ଥନା କରନ୍ତୁ, ନଚେତ୍ ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣ ଏହାର ଉଚିତ୍ ଏବଂ ଶକ୍ତ ଜବାବ ଦେବେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୨।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୯ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୩୩ ଚନ୍ଦ୍ରୋଦୟ- ରାଘ ୨।୫୫।୨୯**
ଦ୍ୱାଦଶୀ ରାଘ ୭।୩୮ ପର୍ଯ୍ୟନ୍ତ। ଅଶ୍ୱିନୀ ନକ୍ଷତ୍ର ପ୍ରାଘ ୬।୩୦ ଗତେ ଦ୍ୱିଜା ନକ୍ଷତ୍ର କ୍ଷୟ। **ମେଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ, ମସୁର ଡାଲି ରାଘ ୭।୩୮ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଦିଘ ୬।୫୮ ମଧ୍ୟେ। ଦିଘ ୧୨।୧୪ ଗତେ ଦିଘ ୨।୫୩ ମଧ୍ୟେ।


**ମେଷ:** ଅଟକି ରହିଥିବା କାମ ଗୁଡ଼ିକ ହେବାରେ ବିଳମ୍ବ ହେବ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ଆୟ ଓ ବ୍ୟୟ ସମାନ ରହିବ। ବନ୍ଧୁଙ୍କ ଦର୍ଶନ ଯୋଗ। ମହିଳାମାନେ ନୂତନ ଦ୍ରବ୍ୟ କିଣିପାରନ୍ତି।


**ବୃଷ:** ଆଜି ଆପଣଙ୍କର ବ୍ୟବସାୟରେ କ୍ଷତି ଘଟାଇବେ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ପରିବାରରେ ସୁଖ ଶାନ୍ତି ହ୍ରାସ ହେବ। ମାଲିମୋକଦ୍ଦମାରେ ଶୁଣାଣି ଆଶାଜନକ ହେବନାହିଁ।


**ମିଥୁନ:** ଯେଉଁ କାର୍ଯ୍ୟ କରିବେ ସେହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଦେହ ଓ ମନ ଭଲ ରହିବ। ଦୂରକୁ ଭ୍ରମଣ କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ମହିଳାମାନେ ସୁଖରେ ରହିବେ ।


**କର୍କଟ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ। ଗୃହେ ଆନନ୍ଦ ଦେଖାଦେବ। ପିଲାମାନେ ପାଠପଢ଼ାରେ ମନ ଦେବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ।


**ସିଂହ:** ଦିନଟି ଆପଣଙ୍କର ଖୁବ୍ ଭଲରେ କଟିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଧର୍ମ କାର୍ଯ୍ୟରେ ଯୋଗଦେବେ। ଆୟ ଓ ବ୍ୟୟ ସମାନ ରହିବ।


**କନ୍ୟା:** ଗୁରୁଜନଙ୍କ ସେବା ପ୍ରତି ମନ ଦେବେ। କର୍ମକ୍ଷେତ୍ରରେ ସଫଳତା ହାସଲ ହେବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ମହିଳାମାନେ ସୁଖୀ ହେବେ ।


**ତୁଳା:** ଯେଉଁ କାମରେ ହାତ ଦେବେ ସେ କାର୍ଯ୍ୟ ଆପଣଙ୍କର ସମ୍ପୂର୍ଣ୍ଣ ହେବ। ଆୟର ପରିମାଣ ଭଲ ହେବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଶରୀର ସୁସ୍ଥ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।


**ବିଛା:** ସମସ୍ୟା ସହ ମୁକାବିଲା କରି ଆପଣ ସଫଳତା ହାସଲ କରିବେ। ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ। ରୋଜଗାର ଭଲ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମନ ଅସ୍ଥିର ରହିବ ।


**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ। ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ। ବ୍ୟୟର ପରିମାଣ ବଢ଼ିବ। ପିଲାମାନେ ପାଠ ପଢ଼ାରେ ଉନ୍ନତି କରିବେ। ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଗୃହେ ଆନନ୍ଦ।


**ମକର:** ଚାକିରୀ କ୍ଷେତ୍ରରେ ଉତ୍ସାହ ସହକାରେ କାର୍ଯ୍ୟ କରିବେ। କୌଣସି ଖବର ପାଇ ମାନସିକ ଚିନ୍ତା ବଢ଼ିପାରେ। କୁଟୁମ୍ବେ ସୁଖ ଶାନ୍ତି ରହିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଦେହ ଭଲ ରହିବ ।


**କୁମ୍ଭ:** ଅନେକ ଦିନର ଆଶା ପୂରଣ ହେବ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ଜୀବନ ଶାନ୍ତିମୟ ହେବ। ସେବା ପୂଜାରେ ମନ ଦେବେ। ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦର ସୁଅ ଛୁଟିବ।


**ମୀନ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ବନ୍ଧୁଙ୍କ କଥାକୁ ଗ୍ରହଣ କରି କାର୍ଯ୍ୟ କଲେ ସଫଳତା ପ୍ରାପ୍ତ ହେବ। ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ। ମହିଳାମାନେ ସୁଖୀ ହେବେ ।

## ଚୋରା ମଦ ଜବତ:ମହିଳାଙ୍କ ସମେତ ୧୦ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରା ମଦ ବ୍ୟବସାୟ ବିକ୍ରି ହେଉଥିବାର ଅଭିଯୋଗ ହେବାପରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ କେନ୍ଦ୍ରାପଡାର ଡେରାବିଶ, ମାହାଙ୍ଗା, ପଟ୍ଟାମୁଣ୍ଡାଇ ପ୍ରମୁଖ ସ୍ଥାନରେ ଚଡଉ କରି କାନପୁରର ରତ୍ନାକର ଜେନା, ସେବସାହିର ଶେଖର ସେଠୀ, ଉଦୟନଗରର ନଳିନୀକାନ୍ତ ବିଶ୍ୱାଳ, ପାଇକରାପୁର ପ୍ରଶାନ୍ତ କୁମାର ମଳିକ, ଡେରାବିଶର ଜିତେନ୍ଦ୍ର କୁମାର ବେହେରା, ଲକ୍ଷ୍ମୀନାରାୟଣ ପୁରର ବସନ୍ତ କୁମାର ସାହୁ, ଛାଞ୍ଚୁଣିର ଦୁଷ୍ମନ୍ତ କୁମାର ଜେନା, ଲୋକନାଥପୁରର ବଳରାମ ମଳିକ ଓ ରାଜେନ୍ଦ୍ର ମଳିକ, ମାଟିଆର ମମତା ମଳିକ ପ୍ରମୁଖଙ୍କୁ ଗିରଫ କରି ଏମାନଙ୍କ ନିକଟରୁ ୨୧୮ ଲିଟର ଦେଶୀ ବିଦେଶୀ ଗୁଡ ପାଉଚ୍ ଜବତ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଡଉ ସମୟରେ ଅବକାରୀ ଉପନିରୀକ୍ଷକ ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସହିତ ଅନ୍ୟ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୩।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୩୦ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୫।୦୮।୩୮ ଚନ୍ଦ୍ରୋଦୟ- ରାଘ ୩।୫୦।୧୭**
ତ୍ରୟୋଦଶୀ ଦିଘ ୪।୧୦ ପର୍ଯ୍ୟନ୍ତ। କୃତ୍ତିକା ନକ୍ଷତ୍ର ରାଘ ୧।୧୮ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ଦିଘ ୯।୨୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର। ଦିଘ ୯।୨୬ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । ଦିଘ ୯।୨୬ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୪।୧୦ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୯ ଗତେ ଦିଘ ୧୨।୧୭ ମଧ୍ୟେ। ଦିଘ ୩।୦୭ ଗତେ ଦିଘ ୩।୪୫ ମଧ୍ୟେ। **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ସଜବାଜ।



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
ପୃଷ୍ଠା-୩
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ-୩୩ ● ସଂଖ୍ୟା-୧୩୨ ● ୧୨ ଜୁନ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-132 ● 12th June 2026, Friday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ

# ଉପସ୍ଥାପନ କଲେ ଓଡ଼ିଶା ବିକାଶ ରୋଡମ୍ୟାପ୍




**ଭୁବନେଶ୍ୱର/ନୂଆଦିଲ୍ଲୀ, ୧୧।୬**
**ନ୍ୟୁଜ୍ ବ୍ୟୁରୋ**

ନୀତି ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସାମଗ୍ରିକ ବିକାଶ, ମାନବ ସମ୍ପଦ ସଶକ୍ତିକରଣ ଓ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ପୂରଣ ନେଇ ରାଜ୍ୟ ସରକାରଙ୍କ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଇବା ସହ ଏଆଇ ଆଧାରିତ ଶାସନ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଦୃଷ୍ଟିକୋଣ ଫଳରେ ପୂର୍ବ ଭାରତ ଦେଶର ନୂତନ ବିକାଶ କେନ୍ଦ୍ରରେ ପରିଣତ ହେଉଥିବା ବେଳେ ଓଡ଼ିଶା ଏହାର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିବା ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବା ବେଳେ ଆର୍ଥିକ ଶୃଙ୍ଖଳା ରକ୍ଷା କରି ନୀତି ଆୟୋଗର ଫିସ୍କାଲ ହେଲଥ ଇଣ୍ଡେକ୍ସ-୨୦୨୬ରେ ପ୍ରଥମ ସ୍ଥାନ ଅଧିକାର କରିଛି। ରେଳ ବିକାଶ ପାଇଁ କେନ୍ଦ୍ର ସରକାର ୧୦,୯୨୮ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା କରିଥିବା ବେଳେ ରାଜ୍ୟରେ ୯୦ ହଜାର କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସଂଯୋଗକୁ ସୁଦୃଢ଼ କରୁଛି ଏବଂ ନୂତନ ଆର୍ଥିକ ସୁଯୋଗ ଖୋଲିଛି।

ସାଗରମାଳା ଓ ପିଏମ୍ ଗତିଶକ୍ତି ଯୋଜନା ଅଧୀନରେ ଓଡ଼ିଶା ଏକ ପ୍ରମୁଖ ସାମୁଦ୍ରିକ ଓ ଲଜିଷ୍ଟିକ୍ସ ହବ୍ ଭାବେ ଉଭା ହେଉଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବାହୁଦା ଗଭୀର ସମୁଦ୍ର ବନ୍ଦର ଏବଂ ଜାତୀୟ ଜଳପଥ-୫ ର ବିକାଶ ଦ୍ୱାରା ବାଣିଜ୍ୟ ଓ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଏହା ବିଶ୍ୱ ବାଣିଜ୍ୟରେ ପୂର୍ବ ଭାରତର ଭୂମିକାକୁ ସୁଦୃଢ଼ କରିବ। ସେହିପରି ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ଅନୁମୋଦନ ରାଜ୍ୟର ଶିଳ୍ପ ପରିବେଶକୁ ଆହୁରି ମଜଭୁତ କରିଛି। ରାଜ୍ୟକୁ ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଏବଂ ଉନ୍ନତ ଉତ୍ପାଦନ ପାଇଁ ଏକ ଉଦୀୟମାନ କେନ୍ଦ୍ର ଭାବରେ ସ୍ଥାପିତ କରିବ।

'ଇନକ୍ଲୁସିଭ୍ ହ୍ୟୁମାନ ଡେଭଲପମେଣ୍ଟ ଫର ବିକଶିତ ଭାରତ-୨୦୪୭' ବିଷୟବସ୍ତୁ ଉପରେ ମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, କେବଳ ଭିତ୍ତିଭୂମି ବିକାଶ ନୁହେଁ, ବରଂ ଦକ୍ଷ ଯୁବଶକ୍ତି, ସୁସ୍ଥ ପରିବାର, ଶିକ୍ଷିତ ଶିଶୁ ଓ ସମାନ ସୁଯୋଗ ହିଁ ବିକଶିତ ଭାରତର ଭିତ୍ତି। ମାନବ ବିକାଶରେ ନିରନ୍ତର ନିବେଶ (ପୃଷ୍ଠା ୭ରେ)

## ହର୍ମୁଜରେ ଆମେରିକାର ଆକ୍ରମଣ

# ୩ ଭାରତୀୟ ନାବିକ ମୃତ

**ନୂଆଦିଲ୍ଲୀ, ୧୧।୬**

ଆମେରିକା ମାନୁନି, କି ଇରାନ ହାରୁନି। ମଧ୍ୟପ୍ରାଚ୍ୟରେ ହେଉଛି ମିଶାଇଲ୍ ବର୍ଷା। କୁଏତ, ବାହାରିନ୍, ଜୋର୍ଡାନରେ ଇରାନ୍ କରିଛି ଆକ୍ରମଣ। ଓମାନ ଉପକୂଳରେ ହର୍ମୁଜ୍ ଷ୍ଟ୍ରେଟ୍ ନିକଟରେ ବାଣିଜ୍ୟିକ ଜାହାଜ "ଏମ୍‌ଟି ସେଙ୍ଗେବେଲୋ" ଉପରେ ହୋଇଥିବା ଆକ୍ରମଣରେ ମୁଖ୍ୟ ଇଞ୍ଜିନିୟରଙ୍କ ସମେତ ତିନି ଜଣ ନିଖୋଜ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି। ଫରୱାର୍ଡ ସିମେନ୍ସ ୟୁନିଅନ୍ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ମନୋଜ ଯାଦବ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ଏକ ଦାବି କରି କହିଛନ୍ତି ଯେ ଆମେରିକା ନୌସେନା ବାହିନୀ ପାଖରେ ଜାହାଜରେ ଥିବା କ୍ରୁ ସଦସ୍ୟଙ୍କ ଜାତୀୟତା ବିଷୟରେ ୧୦୧ ପ୍ରତିଶତ ସୂଚନା ଥିବା ସତ୍ତ୍ୱେ ଏହି ଆକ୍ରମଣ ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ମୁଖ୍ୟ ଇଞ୍ଜିନିୟରଙ୍କ ସମେତ ତିନି ଜଣଙ୍କ ମୃତ୍ୟୁର ନିଶ୍ଚିତ କରିଛନ୍ତି ଏବଂ ଗଭୀର ସମବେଦନା ପ୍ରକାଶ କରିଛନ୍ତି।

ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜସ୍ୱାଲଙ୍କ ସୂଚନା ଅନୁଯାୟୀ, ବାଣିଜ୍ୟିକ ଜାହାଜରେ ମୋଟ ୨୪ ଜଣ ଭାରତୀୟ କ୍ରୁ ସଦସ୍ୟ ଥିଲେ। ଏମାନଙ୍କ ମଧ୍ୟରୁ ୨୧ ଜଣ ନାବିକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଗୁରୁବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଘୋଷଣା କରିଛନ୍ତି ଯେ ପ୍ରଥମେ ନିଖୋଜ ହୋଇଥିବା ତିନି ଜଣ ଭାରତୀୟ ନାବିକ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହି ଦୁଇ ନାବିକଙ୍କ ମୃତଦେହ ପୂର୍ବରୁ ଉଦ୍ଧାର କରାଯାଇଥିଲା ଏବଂ ଏବେ ନିଖୋଜ ମୁଖ୍ୟ ଇଞ୍ଜିନିୟର ମଧ୍ୟ ମୃତ ଅବସ୍ଥାରେ ମିଳିଛନ୍ତି।



ଫରୱାର୍ଡ ସିମେନ୍ସ ୟୁନିଅନ ଅଫ୍ ଇଣ୍ଡିଆ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପାଲାଉ ପତାକାଯୁକ୍ତ ବାଣିଜ୍ୟିକ ଜାହାଜରେ ମୋଟ ୨୪ ଜଣ ଭାରତୀୟ କ୍ରୁ ସଦସ୍ୟ ଥିଲେ। ଆମେରିକୀୟ ନୌସେନା ଆକ୍ରମଣ ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ୨୧ ଜଣ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା, ଯେତେବେଳେ ତିନି ଜଣ ନିଖୋଜ ଥିଲେ। (ପୃଷ୍ଠା ୭ରେ)

## ଟିଏମ୍‌ସିର ଆଉ ଜଣେ ସାଂସଦଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୧।୬**

ତୃଣମୂଳ କଂଗ୍ରେସ (ଟି.ଏମ୍.ସି.) କୁ ଗୁରୁବାର ଦିନ ଆଉ ଏକ ରାଜନୈତିକ ଝଟକା ଲାଗିଛି । ଦଳର ରାଜ୍ୟସଭା ସାଂସଦ ପ୍ରକାଶ ଚିକ୍ ବଡାଇକ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତୁରନ୍ତ ଏହାକୁ ଗ୍ରହଣ କରିବାକୁ ଅନୁରୋଧ କରି ସେ ରାଜ୍ୟସଭା ସଚିବାଳୟରେ ତାଙ୍କ ଇସ୍ତଫାପତ୍ର ଦାଖଲ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ତଦନ୍ତ କମିଶନ ରିପୋର୍ଟ ଗାଏବ ମାମଲା

# ତଦନ୍ତ ପାଇଁ ଗଠନ ହେଲା ସ୍ୱତନ୍ତ୍ର ଟିମ୍

**ଭୁବନେଶ୍ୱର, ୧୧।୬**
**ନ୍ୟୁଜ୍ ବ୍ୟୁରୋ**

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ଓ ତତ୍‌ପରବର୍ତ୍ତୀ ସ୍ଥିତି ଏବଂ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ହେବା ଘଟଣା ଏବଂ ଏନେଇ କ୍ୟାପିଟାଲ ଥାନାରେ ଏତଲା ପରେ ଏବେ ରାଜ୍ୟ ରାଜନୀତି ସରଗରମ ହୋଇପଡ଼ିଛି। ଏହି ଘଟଣାରେ ଉଭୟ ରାଜ୍ୟ ସରକାର ଓ ବିଜେପି ସିଧାସଳଖ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ କମିଶନ ରିପୋର୍ଟ ଆମେ ଖୋଜୁଛୁ ବୋଲି ଉତ୍ତର ଆସିବା ପରେ ଶେଷରେ ରାଜ୍ୟ ସରକାର ବାଧ୍ୟ ହୋଇ ଥାନାରେ ଏତଲା ଦେଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି।

କମିଶନ ତଦନ୍ତ ରିପୋର୍ଟ ଗାଏବ ହେବା ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପୋଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ବିବାଦୀୟ ଘଟଣା ଉପରେ ସରକାରଙ୍କ ପ୍ରଶାସନିକ ପଦକ୍ଷେପର ସ୍ପଷ୍ଟୀକରଣ ରଖିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁବାର ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରତିକ୍ରିୟାବ୍ୟକ୍ତ କରି କହିଛନ୍ତି ଯେ, ଯଦି ସରକାରଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ଥାନ୍ତା, ତେବେ ସରକାର ଗଠନ (ପୃଷ୍ଠା ୭ରେ)

# ଗୃହିଣୀମାନେ ହିଁ ରାଷ୍ଟ୍ର ନିର୍ମାତା

**ନୂଆଦିଲ୍ଲୀ, ୧୧।୬**

ଗୁରୁବାର ଦିନ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ପରିବାର ପ୍ରତି ପତ୍ନୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନଙ୍କୁ ଗୃହିଣୀ ପରିବର୍ତ୍ତେ ରାଷ୍ଟ୍ର ନିର୍ମାତା ଭାବରେ ଉଲ୍ଲେଖ କରାଯିବା ଉଚିତ୍। ପାରିବାରିକ ଆୟର କ୍ଷତି ସମ୍ପର୍କରେ କୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସୁପ୍ରିମକୋର୍ଟଙ୍କର ଏକ ଖଣ୍ଡପୀଠ କହିଛନ୍ତି ଯେ, ମୋଟର ଦୁର୍ଘଟଣା ଦାବିରେ କ୍ଷତିପୂରଣ ପ୍ରଦାନ ପାଇଁ ଘରର ଦେଖାଶୁଣାର କ୍ଷତିକୁ ଏକ ଅତିରିକ୍ତ ଆଧାର ଭାବରେ ବିବେଚନା କରାଯିବ। ଏହି ରାୟ ଗୃହିଣୀଙ୍କ ମୃତ୍ୟୁ ପାଇଁ



କ୍ଷତିପୂରଣ ମାମଲାରେ ପ୍ରଦାନ କରାଯାଇଛି। କୋର୍ଟ କହିଛନ୍ତି, ଘରେ କାମ କରୁଥିବା ମହିଳାମାନେ ଅଫିସ ଯାଇ ଘର ଚଳାଇବା ପାଇଁ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହଁନ୍ତି। ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି, ଜଣେ ଗୃହିଣୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ଭାବରେ ସେମାନଙ୍କ ଅବଦାନକୁ ଆକଳନ କରିବା କଷ୍ଟକର। ଜଣେ ଗୃହିଣୀ ମାସକୁ ଅତି କମରେ ୩୦ ହଜାର ଟଙ୍କାର ଘରକାମ କରିଥାନ୍ତି।

କୋର୍ଟ କହିଛନ୍ତି, ସଡ଼କ ଦୁର୍ଘଟଣା ମାମଲାରେ ଗୃହିଣୀଙ୍କର ଆନୁମାନିକ ଆୟ ତାଙ୍କ କାମ, ଶ୍ରମ ଏବଂ ତ୍ୟାଗ ଉପରେ ଆଧାର କରି ମୂଲ୍ୟାଙ୍କନ କରାଯିବା ଉଚିତ୍। ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି, ଜଣେ ଗୃହିଣୀଙ୍କ ଭୂମିକା ସ୍ଥିର ଆୟ ଥିବା ପରିବାରର ଅନ୍ୟ ସଦସ୍ୟଙ୍କ ପରି ଗୁରୁତ୍ୱପୂର୍ଣ୍ଣ। (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଅସଲି ତୃଣମୂଳ କିଏ, ତାହାର ନିର୍ଣ୍ଣୟ ନିର୍ବାଚନ ଆୟୋଗ ନେବେ : କାକୋଲି ଘୋଷ ଦସ୍ତିଦାର।
- ମେଘାଳୟର ସ୍ୱର ହେବେ ଜେମ୍ସ ସଙ୍ଗମା, ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ।
- ଇଥାନଲ୍ ମିଶ୍ରିତ ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କକୁ ଶୂନ୍ୟକୁ ହ୍ରାସ କଲେ କେନ୍ଦ୍ର ସରକାର।
- ଇରାନ ଉପରେ ୨୨ ଦେଶର ଅଭିଯୋଗ, ବିରୋଧୀ ଓ ସାମ୍ବାଦିକଙ୍କୁ ଟାର୍ଗେଟ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୫୬୪ (-୨୧୩)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୩୫୦ (-୧୯୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୯୨୩ (-୧୬୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (+୦)

## ଭାରତର ପ୍ରଥମ ସ୍ୱଦେଶୀ ସାମରିକ ପରିବହନ ବିମାନର ପରୀକ୍ଷଣ ଉଡ଼ାଣ ସଫଳ

**ନୂଆଦିଲ୍ଲୀ, ୧୧।୬**

ଭାରତର ପ୍ରଥମ ସ୍ୱଦେଶୀ ନିର୍ମିତ ସାମରିକ ପରିବହନ ବିମାନ ଏୟାରବସ୍ ସି୨୯୫ ବଦୋଦରାସ୍ଥିତ ଟାଟା-ଏୟାରବସ୍ ଫାଇନାଲ୍ ଆସେମ୍ବ୍ଲି ଲାଇନ୍ (ଏଫ୍‌ଏଏଲ୍)ରୁ ସଫଳତାର ସହ ଏହାର ପ୍ରଥମ ପରୀକ୍ଷଣ ଉଡ଼ାଣ ସମାପ୍ତ କରିଛି, ଯାହା ଦେଶର ପ୍ରତିରକ୍ଷା ଉତ୍ପାଦନ ଅଭିଳାଷ ଏବଂ କେନ୍ଦ୍ରର 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

ଭାରତରେ ଉତ୍ପାଦିତ ହେବାକୁ ଥିବା ୪୦ଟି ସି୨୯୫ ପରିବହନ ବିମାନ ମଧ୍ୟରୁ ଏହି ବିମାନ ଚଳିତବର୍ଷ ଶେଷରେ ଭାରତୀୟ ବାୟୁସେନା (ଆଇଏଏଫ୍)ରେ ସାମିଲ ହେବା



ପୂର୍ବରୁ ପୋଷ୍ଟ-ପ୍ରଡକ୍ସନ୍ ପରୀକ୍ଷଣ ପ୍ରକ୍ରିୟାର ଏକ ଅଂଶ ଭାବରେ ଏହାର ପ୍ରଥମ ଉଡ଼ାଣ ଭରିଥିଲା। ସଫଳ ପରୀକ୍ଷଣ ଉଡ଼ାଣକୁ ଭାରତର ଏରୋସ୍ପେସ୍ ଓ ପ୍ରତିରକ୍ଷା ଇକୋସିଷ୍ଟମ୍ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଭାବରେ ଦେଖାଯାଉଛି, କାରଣ ସି୨୯୫ କାର୍ଯ୍ୟକ୍ରମ ହେଉଛି ଘରୋଇ କ୍ଷେତ୍ର ଦ୍ୱାରା ପରିଚାଳିତ ଦେଶର ପ୍ରଥମ (ପୃଷ୍ଠା ୭ରେ)

## ଚେତାବନୀ ଶୁଣାଇଲେ ଟ୍ରମ୍ପ : ଇରାନ୍ ଉପରେ ହେବ ବଡ ଆକ୍ରମଣ

**ନୂଆଦିଲ୍ଲୀ, ୧୧।୬**

ପଶ୍ଚିମ ଏସିଆରେ ଦିନକୁ ଦିନ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଆମେରିକା ରାଷ୍ଟ୍ରପତିଙ୍କ ବୟାନ ଯାହାକି ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଆଶଙ୍କା ବଢାଇଛି। ଇରାନ୍ ଉପରେ ବଡ଼ ଆକ୍ରମଣ ହେବା ନେଇ ଧମକ ଦେଇଛନ୍ତି ଟ୍ରମ୍ପ। ଟ୍ରୁଥ୍ ସୋସିଆଲ୍ ଜରିଆରେ ଚେତାବନୀ ଜାରି କରିଛନ୍ତି ଆମେରିକା ରାଷ୍ଟ୍ରପତି। ଟ୍ରମ୍ପ କହିଛନ୍ତି ଅତି ଦୂର ଭବିଷ୍ୟତରେ କୌଣସି ସମୟରେ ଆମେ ଖାର୍ଗ ଦ୍ୱୀପ ଏବଂ ଅନ୍ୟାନ୍ୟ ତୈଳ ଭିତ୍ତିଭୂମି ସ୍ଥାନଗୁଡ଼ିକୁ କବଜା କରିବୁ ଏବଂ ସେମାନଙ୍କର ତେଲ ଏବଂ ଗ୍ୟାସ ବଜାରର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଜାରି କରିବୁ, ଯେପରି ଆମେ ଭେନେଜୁଏଲା ସହିତ କରିଛୁ। ଖାର୍ଗ ଦ୍ୱୀପ ସହ ସମସ୍ତ ତୈଳ ଉତ୍ସ ନିୟନ୍ତ୍ରଣକୁ ନେବାକୁ



ଚେତାବନୀ। ଇରାନର ନୌସେନା, ବାୟୁସେନା, ରାଡାର ସମେତ ସବୁ କିଛିକୁ ଟାର୍ଗେଟ କରିବୁ ବୋଲି ଟ୍ରମ୍ପ ଇରାନକୁ ଧମକ ଦେଇଛନ୍ତି।ଆମେରିକା ଏବଂ ଇରାନ ମଧ୍ୟରେ ଲଗାତାର ଦ୍ୱିତୀୟ ଦିନ ପାଇଁ ଗୁଳି ବିନିମୟ ପରେ ଟ୍ରମ୍ପଙ୍କ ଏହି ପୋଷ୍ଟ ଯାହାକି ଯୁଦ୍ଧ ଆହୁରି ତୀବ୍ର ହେବା ନେଇ ସୂଚାଉଛି। ଇରାନରେ ଗୁରୁବାର ସକାଳ ପର୍ଯ୍ୟନ୍ତ ଚାଲିଥିବା ଆମେରିକୀୟ ସେନା ଦ୍ୱାରା ଆରମ୍ଭ ହୋଇଥିବା ଆକ୍ରମଣ ପୂର୍ବରୁ ଆରମ୍ଭ ହୋଇଥିବା ଆକ୍ରମଣ ଅପେକ୍ଷା ଅଧିକ ତୀବ୍ର ଏବଂ ବ୍ୟାପକ ବୋଲି ଜଣାପଡ଼ିଛି।

ଆମେରିକା ଆକ୍ରମଣ ଯୋଗୁ ଇରାନର ସିରିକ ଓ ମିନାବରେ ବିସ୍ଫୋରଣ ଘଟିଛି। ଆକ୍ରମଣକୁ ଦୃଷ୍ଟିରେ ରଖି ବିଭିନ୍ନ ସହରରେ ଇରାନୀୟ ଏୟାର ଡିଫେନ୍ସକୁ ଆକ୍ଟିଭେଟ କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଆମେରିକା ଘନଘନ ଆକ୍ରମଣ କରିବାରୁ ଏହାର ଜବାବ ମଧ୍ୟ ଇରାନ ଦେବାକୁ ପଛାଇ ନାହିଁ। ଜୋର୍ଡାନର ଅଲ ଅଜରାକ ଏୟାର ବେସ୍‌ରେ ଇରାନର ଆକ୍ରମଣ ଯୋଗୁ ଶକ୍ତଶାଳୀ ବିସ୍ଫୋରଣ ହୋଇଛି । ଏହି ଏୟାରବେସ୍‌କୁ ଆମେରିକା ସେନା ବ୍ୟବହାର କରୁଥିବାରୁ ଇରାନ ଏହାକୁ ଟାର୍ଗେଟ କରିଥିବା କହିଛି ।ଆଇଆରଜିସିର (ପୃଷ୍ଠା ୭ରେ)

## ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ

**ଭୁବନେଶ୍ୱର, ୧୧।୬**
**ନ୍ୟୁଜ୍ ବ୍ୟୁରୋ**

ବିଜେପି ପ୍ରାର୍ଥୀ ଭାବେ ଦେବାଶିଷ ସାମନ୍ତରାୟ ରାଜ୍ୟସଭାକୁ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ଉପନିର୍ବାଚନ ଭୋଟିଂ ଦରକାର ପଡ଼ିନାହିଁ। ବିଜେଡିରୁ ଇସ୍ତଫା ଦେବା ପରେ ଆସନ୍ତା ୧୮ ତାରିଖରେ ଉପନିର୍ବାଚନ ହେବାକୁ ଥିଲା। ତେବେ ବିଜେପି ବ୍ୟତୀତ ଅନ୍ୟ କୌଣସି ଦଳ ପ୍ରାର୍ଥୀ ଦେଇ ନଥିଲେ।

ଅନ୍ୟପକ୍ଷରେ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପରେ ଦେବାଶିଷ ସାମନ୍ତରାୟ ପ୍ରତିକ୍ରିୟାରେ କହିଛନ୍ତି ବିଜେପି ଯେଭଳି ସ୍ୱାଗତ କରିଛି, ମୁଁ ସେହିଭଳି ନିଷ୍ଠାର ସହ କାମ କରିବି। ସଂଗଠନକୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଫାଇଲି ମାଇଲି ମିସିଂଫିସିଂ
ଶୁଣି ମୁଣ୍ଡ ହୁଏ ଟିଣ
ବର୍ତ୍ତମାନ କହେ ଅତୀତ ଦୁର୍ନୀତି
ଗନ୍ଧାଉଛି ଭଣଭଣ
ହେଇଟି ରହିଲା ରାଣ
ଦୋଷୀ ସିଏ ଯିଏ ବି ହେଉ
ଭିଡିଭାଡି ତାଙ୍କୁ ଆଣ।

# ସକ୍ରିୟ ହେଲା ଏଲ-ନିନୋ: ମରୁଡ଼ି, ବନ୍ୟା, ଭୟଙ୍କର ମହାବିନାଶ !



**ଭୁବନେଶ୍ୱର, ୧୧।୬**
**ନ୍ୟୁଜ୍ ବ୍ୟୁରୋ**

ପ୍ରଶାନ୍ତ ମହାସାଗରରେ 'ଏଲ-ନିନୋ' ସକ୍ରିୟ ହୋଇଯାଇଛି। ବିଶ୍ୱ ପାଣିପାଗ ସଂଗଠନ ଏବଂ ପାଣିପାଗ ଏଜେନ୍ସିଗୁଡ଼ିକର ସୂଚନା ଅନୁଯାୟୀ, ଏହାର ପ୍ରଭାବରେ ସାରା ବିଶ୍ୱରେ ତାପମାତ୍ରା ବୃଦ୍ଧି ଏବଂ ପାଣିପାଗ ଚକ୍ରରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିବ।

ଏହା ବିଷୁବରେଖୀୟ ପ୍ରଶାନ୍ତ ମହାସାଗରର ପାଣି ଅସ୍ୱାଭାବିକ ଭାବେ ଗରମ ହେବା ସହ ଜଡ଼ିତ ଏକ ପ୍ରାକୃତିକ ଜଳବାୟୁଗତ ଘଟଣା । ଏଲ ନିନୋର ସକ୍ରିୟତା କାରଣରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବର୍ଷା, ତାପମାତ୍ରା ଏବଂ ପବନର ଶୈଳୀ ପ୍ରଭାବିତ ହୋଇଥାଏ।

ଏଲ ନିନୋ ଭାରତୀୟ ମୌସୁମୀକୁ ଦୁର୍ବଳ କରିପାରେ, ଯାହାଦ୍ୱାରା ଭାରତ ଏବଂ ଏହାର ଆଖପାଖ ଅଞ୍ଚଳରେ ସାଧାରଣଠାରୁ କମ ବର୍ଷା ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ବଢ଼ିଯାଏ। ଏହାର ପ୍ରଭାବରେ ସାରା ବିଶ୍ୱରେ ପ୍ରଚଣ୍ଡ ଗରମ ଏବଂ ଗ୍ରୀଷ୍ମ ପ୍ରବାହର ପ୍ରକୋପ ବଢ଼ିପାରେ। ଧାନ, ଗହମ, କପା ଏବଂ କଫି ଭଳି ମୁଖ୍ୟ ଫସଲର ଅମଳ ପ୍ରଭାବିତ ହୋଇପାରେ, ଯାହାଦ୍ୱାରା ଖାଦ୍ୟ ପଦାର୍ଥ ଏବଂ ଶକ୍ତିର ମୂଲ୍ୟ ବୃଦ୍ଧି ହୋଇ ମହଙ୍ଗା ମାଡ଼ର ଚାପ ବଢ଼ିପାରେ। ଏହା ସହ ଓଡ଼ିଶାରେ ମୌସୁମୀ ଆସିବାରେ ବିଳମ୍ବ ଏବଂ ଅନାବୃଷ୍ଟି ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି।

# କେରଳମ୍‌ରେ ନିପା ଭାଇରସର ପ୍ରଥମ ମାମଲା

**ନୂଆଦିଲ୍ଲୀ, ୧୧।୬**

ଚଳିତ ବର୍ଷ କେରଳମରେ ନିପା ଭାଇରସର ପ୍ରଥମ ମାମଲା ଦେଖିବାକୁ ମିଳିଛି। ଗୁରୁବାର ଏହି ସୂଚନା ପ୍ରକାଶ ପାଇଛି। ରୋଗୀ ଜଣକ ୪୩ ବର୍ଷ ବୟସ୍କ ଓ ସେ କୋଜିକୋଡର ବାସିନ୍ଦା। ରିପୋର୍ଟ ପଜିଟିଭ୍ ଆସିବା ପରେ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ହାଇଆଲର୍ଟ ଜାରି କରିଛନ୍ତି। ସାମାନ୍ୟ ଜ୍ୱର ହେବା ପରେ ରୋଗୀଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କୋଝିକୋଡ ମେଡିକାଲ କଲେଜକୁ ପଠାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେ ଭେଣ୍ଟିଲେଟରରେ ଅଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ କେ ମୁରଲୀଧରନ୍ କହିଛନ୍ତି, ରୋଗୀ ଜଣକ ଅନେକ ଲୋକଙ୍କ ସଂସ୍ପର୍ଶରେ




ଆସିଥିଲେ। ଡାକ୍ତରଖାନା କର୍ମଚାରୀ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ସମ୍ଭାବ୍ୟ ଲୋକଙ୍କୁ ସଙ୍ଗରୋଧରେ ରହିବାକୁ କୁହାଯାଇଛି। ବର୍ତ୍ତମାନ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ୨୦୧୮ ପରଠାରୁ ଷଷ୍ଠ ଥର ପାଇଁ କେରଳମ୍‌ରେ ସଂକ୍ରମଣ ହୋଇଛି। ଶେଷ ଥର ପାଇଁ (ପୃଷ୍ଠା ୭ରେ)

15001/63/2627



# ବିକାଶର ଧାରା, ଓଡ଼ିଶା ସାରା



**ସୁଭଦ୍ରା ଯୋଜନା**
**୧ କୋଟି**ରୁ
ଅଧିକ ମହିଳା ଆର୍ଥିକ ସଶକ୍ତ

**ଲକ୍ଷପତି ଦିଦି**
**୨୩.୪୬ ଲକ୍ଷ**
ମହିଳାଙ୍କ ନୂତନ ପରିଚୟ

**ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା**
କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**
ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଉର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ



**ଆୟୁଷ୍ମାନ ଭାରତ -**
**ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା**
**୩.୪୬ କୋଟି** ଲୋକ ଉପକୃତ



**ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା**
**୫୭ଲକ୍ଷ**ରୁ ଅଧିକ ହିତାଧିକାରୀଙ୍କୁ
ସହାୟତା

ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ
**୨୨.୫%**,
ଅନୁସୂଚିତ ଜାତିଙ୍କ ପାଇଁ
**୧୬.୨୫%**
SEBC ପାଇଁ **୧୧.୨୫%**
ସଂରକ୍ଷଣ

**୪୪,୮୭୫** ଶିଶୁ ବାଟିକା ମାଧ୍ୟମରେ
**୩.୨ ଲକ୍ଷ** ଶିଶୁ ଉପକୃତ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
**୧୨ ହଜାର କୋଟି**ରେ **୨,୨୦୦** ବିଦ୍ୟାଳୟର
ସୁଦୃଢ଼ୀକରଣ ପରିକଳ୍ପନା



**ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା**
୨ ବର୍ଷରେ **୩.୨୨ ଲକ୍ଷ** ଜନଜାତି
ଛାତ୍ରଛାତ୍ରୀ ଉପକୃତ



**₹୩.୬ ଲକ୍ଷ କୋଟି** ପୁଞ୍ଜିନିବେଶରେ
୩୪ ପ୍ରକଳ୍ପ ଯୋଗେ
**୨,୫୨,୦୦୦** ନିଯୁକ୍ତି ସୃଷ୍ଟି



**₹୬ ହଜାର କୋଟି**
ବ୍ୟୟରେ ରାଜ୍ୟରେ
ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ
୩୯,୭୬୦ ଗ୍ରାମୀଣ ପରିବାରକୁ
ବିଦ୍ୟୁତ ସଂଯୋଗ

**₹୧୭ ହଜାର କୋଟି**ରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି
ସେତୁ ନିର୍ମିତ

**MMSY**
**୧୧,୫୯୬** କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା
ଏବଂ ସେତୁ ବନ୍ଧନ ଯୋଜନାରେ **୫୬୬**ଟି ସେତୁ ନିର୍ମିତ



**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**
**ଅନ୍ତ୍ୟୋଦୟ ଗୃହ ଯୋଜନା**
ପ୍ରାୟ **୫ ଲକ୍ଷ** ପରିବାରଙ୍କୁ
ମିଳିଛି ପକ୍କାଘର

**ଖାଦ୍ୟ ସୁରକ୍ଷା ଯୋଜନା**
**୩ କୋଟି**ରୁ ଉର୍ଦ୍ଧ୍ୱ
ହିତାଧିକାରୀଙ୍କୁ ସହାୟତା

**₹ ୪,୮୭୦ କୋଟି**ରେ
ସମୃଦ୍ଧ ସହର ଯୋଜନା ଆରମ୍ଭ



**ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା**
**୪ ଲକ୍ଷ**ରୁ ଅଧିକ ଗୋପାଳକଙ୍କୁ
**₹୩୨୬ କୋଟି**ର ଆର୍ଥିକ ସହାୟତା ପ୍ରଦାନ



**ସମୃଦ୍ଧ କୃଷକ ଯୋଜନା**
**୧୯ ଲକ୍ଷ** ଚାଷୀଙ୍କୁ
**₹୧୩ ହଜାର କୋଟି**ର
ଇନ୍‌ପୁଟ୍ ସହାୟତା ପ୍ରଦାନ

ସିଏମ କିଷାନ ଯୋଜନା
୩ ହଜାର କୋଟିରେ
**୫୧ ଲକ୍ଷ** ଚାଷୀ ଉପକୃତ



**ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା**
**ଯୋଜନାରେ**
**୩ କୋଟି**ରୁ ଅଧିକ
ଲୋକ ହେବେ ଉପକୃତ

**୨.୭୮ ଲକ୍ଷ** ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR 15001/15001/2/26-27/0063

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଆମାଜନ୍ ଉପଲବ୍ଧ କରାଇବ ହାଇ-ସ୍ପିଡ୍ ୱାଇ-ଫାଇ

ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ଆପଣଙ୍କୁ ଆଉ ଫୋନ୍ ରିଚାର୍ଜ କରିବାକୁ ପଡିବ ନାହିଁ। ଏବେ ହାଇ-ସ୍ପିଡ୍ ସାର୍ବଜନୀନ ୱାଇ-ଫାଇ ମାଧ୍ୟମରେ ନିରବଚ୍ଛିନ୍ନ ଇଣ୍ଟରନେଟ୍ ସୁବିଧା ମିଳିବ। ଏପରିକି ଦୁର୍ଗମ ଏବଂ ଦୁର୍ବଳ ମୋବାଇଲ୍ ନେଟୱାର୍କ ଥିବା ଅଞ୍ଚଳରେ, ଆପଣ ମାଗଣା ସାର୍ବଜନୀନ ୱାଇ-ଫାଇ ମାଧ୍ୟମରେ ସୁପରଫାଷ୍ଟ ଇଣ୍ଟରନେଟ୍ ସୁବିଧା ପାଇପାରିବେ। ଏହା ବାସ୍ତବତାରେ ପରିଣତ ହୋଇପାରେ, କାରଣ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଜେଫ୍ ବେଜୋସଙ୍କ କମ୍ପାନୀ Amazon Leo ଭାରତର ଇଣ୍ଟରନେଟ୍ ବଜାରକୁ ଆସିବାକୁ ଯାଉଛି। Amazon ଏବେ TRAI ଆଗରେ ପ୍ରସ୍ତାବ ରଖିଛି ଯେ, ସାଟେଲାଇଟ୍ ବ୍ରଡବ୍ୟାଣ୍ଡକୁ ପବ୍ଲିକ୍ ୱାଇ-ଫାଇର ମୁଖ୍ୟ ନେଟୱର୍କ ଭାବରେ ମଞ୍ଜୁରୀ ଦେଇଛି। ଏହାଦ୍ୱାରା ନା କେବଳ ଦେଶର କୋଣ-ଅନୁକୋଣରେ ଇଣ୍ଟରନେଟ୍ ପହଞ୍ଚିବ ବରଂ ଭାରତରେ ଏହାଠାରୁ ମହଙ୍ଗା ମୋବାଇଲ ଇଣ୍ଟରନେଟ୍ ଚିତ୍ର ବଦଳିଯିବ। 'ଆମାଜନ୍ ଲିଓ' ଯାହାକୁ ପ୍ରୋଜେକ୍ଟ କୁଇପର ମଧ୍ୟ କୁହାଯାଏ। ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ ଦାବି କରିଛି ଯେ, ଦେଶରେ ପବ୍ଲିକ ୱାଇ-ଫାଇର ମୁଖ୍ୟ ନେଟୱାର୍କ ଭାବରେ ସାଟେଲାଇଟ୍ ବ୍ରଡବ୍ୟାଣ୍ଡର ବ୍ୟବହାର କରାଯିବ। କମ୍ପାନୀର କହିବା ଅନୁସାରେ, ତାଙ୍କର ଲୋ-ଅର୍ଥ-ଅର୍ବିଟ ସାଟେଲାଇଟ୍ ନେଟୱର୍କ ମାଟିରେ ତାର ବିଛାଯିବା ବିନା ସିଧା ଆକାଶରେ ଫାଇବର ଜର୍ସ ସୁପରଫାଷ୍ଟ ସ୍ପିଡ୍ ଦେଇପାରିବ। ଏହାଦ୍ୱାରା ଦେଶର କୋଣ ଅନୁକୋଣରେ ଫ୍ରି କିମ୍ବା ବହୁ ଶସ୍ତା ଇଣ୍ଟରନେଟ୍ ଉପଲବ୍ଧ ହେବ। 'ଆମାଜନ୍' ଚାହୁଁଛି ତା'ର ଟେକ୍ନୋଲୋଜି PM-WANI ଯୋଜନା ଓ ଭାରତନେଟ୍ ପ୍ରୋଜେକ୍ଟରେ ସାମିଲ କରାଯାଉ। କମ୍ପାନୀ ଚାହୁଁଛି ଯେ, ଭାରତର ପ୍ରତି ଗାଁରେ ଅତି କମରେ ଏକ ପବ୍ଲିକ୍ ୱାଇ-ଫାଇ ହଟସ୍ପଟ୍ ନିହାତି ରହିବା ଦରକାର। କମ୍ପାନୀ ଏଥିପାଇଁ ସରକାରଙ୍କ ଡିଜିଟାଲ ଭାରତ ନିଧି ଫଣ୍ଡରୁ ଆର୍ଥିକ ସହାୟତା ମାଗିଛି। ଯାହାଫଳରେ ଗାଁରେ ପ୍ରଥମ ଥର ଇଣ୍ଟରନେଟ୍ ବ୍ୟବହାର କରୁଥିବା ଲୋକଙ୍କ ପାଇଁ ଲଗଇନ୍ ପକ୍ରିୟାକୁ ସହଜ କରିପାରିବ। ୨୦୨୮ ପର୍ଯ୍ୟନ୍ତ D2D ସର୍ଭିସ ଆଣିବ ଆମାଜନ୍ ଗ୍ଲୋବାଲ୍ ସାଟେଲାଇଟ୍ ନେଟୱର୍କକୁ ତିଆରି କରିବା ପାଇଁ ୧୦ ବିଲିୟନ ଡଲାର ଅର୍ଥାତ ପ୍ରାୟ ୮୩,୦୦୦ କୋଟିରୁ ଅଧିକ ଟଙ୍କା ନିବେଶନ କରିଛି। କମ୍ପାନୀ ୨୦୨୫ ରୁ ନିଜର ସାଟେଲାଇଟ୍ ମହାକାଶକୁ ପଠାଉଛି। ଭାରତରେ ସର୍ଭିସ ଆରମ୍ଭ ହେବା ପାଇଁ ଆମାଜନ୍ GMPCS ଲାଇସେନ୍ସ ପାଇଁ ଆବେଦନ କରିଛି। ଏହାଛଡା ଆମାଜନ୍ ଗ୍ଲୋବାଲଷ୍ଟାର କମ୍ପାନୀ ମଧ୍ୟ କିଣିଛି। ୨୦୨୮ ସୁଦ୍ଧା ଆମାଜନ୍ ଡାଇରେକ୍ଟକୁ ଡିଭାଇସ୍ ଅର୍ଥାତ D2D ସର୍ଭିସ ଆରମ୍ଭ କରିବ। ଏହାଦ୍ୱାରା ଫୋନରେ ବିନା କୌଣସି ନେଟୱର୍କରେ ସିଧା ସାଟେଲାଇଟେରେ କଲିଂ କରିପାରିବେ ଓ ଇଣ୍ଟରନେଟ୍ ଚାଲିପାରିବ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ରାସ୍ତା**

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ , ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଳୁ ବାଇର ପଥ,କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି । ହେ ଭକ୍ତ, ତୁମେ ସରଳ ହୋଇଯାଅ । ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ । ସେତ ସଇତାନର ମାର୍ଗ, ସଇତାନର ମାର୍ଗ ନୁହେଁ । ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି । ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ । ମାଟି ଘଟରେ ରହି ମୁଁ ମୋ ମାକୁ ତ ଭୂଲି ପାରିବିନାହିଁ । ଗୁରୁଙ୍କୁ ତ ଭୂଲିପାରିବି ନାହିଁ । ଇଶ୍ୱରଙ୍କୁ ତ ଭୂଲି ପାରିବି ନାହିଁ । ତେଣୁ କାହାକଥାରେ ମୋତେ କଣ ମିଳୁଛି । ମୁଁ ତ ରାସ୍ତା ଭୂଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ । ମୁଁ ମୁକ୍ତିର ପଥ ପାଇ ଯୁକ୍ତର ବଣରେ କାହିଁକି ପଶିବି । ଇଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ । ତେଣୁ ହେ ଭକ୍ତ ପଥ ଭୂଲନାହିଁ । ଯେତେ କଷ୍ଟ କଷ୍ଟପଡୁ । ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ । କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ । ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାରା ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଏବେବି ସମୟ ଅଛି, ତୁମେ ଯାହା ଭାବୁଛ ତାହା ଏକ ମାୟାର ।।ବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ, ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଢିଲେ ବି ସିନ୍ଧୁର ଏକ ବିନ୍ଦୁ । ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ । କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ । କାରଣ ତୁମ ଶରୀର ବିଷାକ୍ତ ହୋଇଯିବ ।

# ଗୌରବମୟ ୯୦ ବର୍ଷର ନିରବଚ୍ଛିନ୍ନ ଯାତ୍ରା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ସମୟର ସ୍ରୋତରେ କେତେ ଜିନିଷ ଆସେ ଏବଂ ଚାଲିଯାଏ, ବିଜ୍ଞାନର ପ୍ରଗତିରେ ନୂଆ ନୂଆ ପ୍ରଯୁକ୍ତିବିଦ୍ୟା ଆମ ଜୀବନକୁ ବଦଳାଇଦିଏ, କିନ୍ତୁ କିଛି ଏମିତି ଅନୁଭୂତି ଥାଏ ଯାହା ପିଢି ପରେ ପିଢି ଧରି ଭାରତୀୟ ସଂସ୍କୃତି ଏବଂ ପ୍ରତିଟି ପରିବାରର ସ୍ମୃତି କୋଠରୀରେ ଅମଳିନ ହୋଇ ରହିଯାଏ ଏବଂ ସେହିପରି ଏକ ଜୀବନ୍ତ ଇତିହାସ ତଥା ପ୍ରତିଟି ଭାରତୀୟ ହୃଦୟର ସ୍ପନ୍ଦନ ହେଉଛି 'ଆକାଶବାଣୀ' ଯାହା ଆଜି ନିଜ ସେବାର ଏକ ସ୍ମରଣୀୟ ତଥା ଗୌରବମୟ ୯୦ ବର୍ଷ ପୂରଣ କରିଛି। ଏହି ୯୦ ବର୍ଷର ଦୀର୍ଘ ଯାତ୍ରା କେବଳ କୌଣସି ରେଡିଓ ଷ୍ଟେସନର ପ୍ରସାରଣ ଇତିହାସ ନୁହେଁ, ବରଂ ଏହା ହେଉଛି ଭାରତର ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ଆଧୁନିକ ଭାରତ ଗଠନ ପର୍ଯ୍ୟନ୍ତ ଏକ ସମୃଦ୍ଧ ସାମାଜିକ, ସାଂସ୍କୃତିକ ଏବଂ ଭାବଗତ ମହାପୁରାଣ ଯାହା ପ୍ରତିଟି ଓଡିଆ ଓ ପ୍ରତିଟି ଭାରତୀୟ ଘରର ବାରଣ୍ଡା, ରୋଷେଇ ଘର ଏବଂ ଶୋଇବା ଘର ସହିତ ଜଡିତ ରହିଆସିଛି। ଆଜିର ମୋବାଇଲ୍ ଏବଂ ଇଣ୍ଟରନେଟ୍ ଯୁଗରେ ବଢୁଥିବା ନୂଆ ପିଢି ହୁଏତ ସେହି ଦିନଗୁଡିକର କଳ୍ପନା କରିପାରିବେ ନାହିଁ, କିନ୍ତୁ ଦିନ ଥିଲା ଯେତେବେଳେ ଘରେ ରେଡିଓଟିଏ ରହିବା ଏକ ବଡ ଗୌରବର ବିଷୟ ଥିଲା ଏବଂ ସକାଳୁ ସକାଳୁ ଆକାଶବାଣୀର ସେହି ସୁମଧୁର ସିଗ୍ନେଚର ଟ୍ୟୁନ୍ ଯାହା ପଣ୍ଡିତ ରବିଶଙ୍କର ଏବଂ ୱାଲ୍ଟର କଫମ୍ୟାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା, ତାହା ବାଜିବା ମାତ୍ରେ ସାରା ଗାଁ ଏବଂ ସହରର ନିଦ ଭାଙ୍ଗୁଥିଲା ଓ ଏକ ନୂଆ ସକାଳର ଆରମ୍ଭ ହେଉଥିଲା। ୧୯୩୬ ମସିହାର ଜୁନ୍ ୮ ତାରିଖରେ ଯେତେବେଳେ ଭାରତୀୟ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ସର୍ଭିସ୍‌ର ନାମ ବଦଳାଇ 'ଅଲ୍ ଇଣ୍ଡିଆ ରେଡିଓ' କରାଗଲା ଏବଂ ପରବର୍ତୀ ସମୟରେ ମହାନ କବି ରବୀନ୍ଦ୍ରନାଥ ଟାଗୋରଙ୍କ କବିତାକୁ ଆଧାର କରି ଏହାର ନାମ 'ଆକାଶବାଣୀ' ରଖାଗଲା, ସେହି ଦିନଠାରୁ ଏହି ପ୍ରତିଷ୍ଠାନ ସମଗ୍ର ଦେଶକୁ ଏକତାର ସୂତରେ ବାନ୍ଧି ରଖିବାର ଏକ ମହାନ୍ ସାରଥି ପାଲଟିଗଲା। ସ୍ୱାଧୀନତା ପୂର୍ବରୁ ଦେଶପ୍ରେମର ନିଆଁ ଜଳିବା ଠାରୁ ଆରମ୍ଭ କରି ୧୯୪୭ ଅଗଷ୍ଟ ୧୫ ତାରିଖ ମଧ୍ୟରାତ୍ରିରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ସେହି ଐତିହାସିକ ଭାଷଣ 'ଟ୍ରିଷ୍ଟ ୱିଥ୍ ଡେଷ୍ଟିନି'କୁ ପ୍ରତିଟି ଜନମାନସରେ ପହଂଚାଇବା ପର୍ଯ୍ୟନ୍ତ, ଆକାଶବାଣୀ ଭାରତର ସ୍ୱାଧୀନତାର ପ୍ରଥମ ସ୍ୱର ସାଜିଥିଲା। ବିଶେଷ କରି ମହାତ୍ମା ଗାନ୍ଧୀ ଯେତେବେଳେ ୧୯୪୭ ନଭେମ୍ବର ୧୨ ତାରିଖରେ ପ୍ରଥମ ଏବଂ ଶେଷ ଥର ପାଇଁ ନୂଆଦିଲ୍ଲୀ ସ୍ଥିତ ଆକାଶବାଣୀ ଷ୍ଟିଡିଓକୁ ଯାଇ ଦେଶ ବିଭାଜନ ଯୋଗୁଁ କୁରୁକ୍ଷେତ୍ର ଶରଣାର୍ଥୀ ଶିବିରରେ ରହୁଥିବା ବିସ୍ଥାପିତ ଭାଇଭଉଣୀମାନଙ୍କୁ ସମ୍ବୋଧିତ କରିଥିଲେ, ସେହି ଦିନଟି ଆଜି ମଧ୍ୟ 'ଜାତୀୟ ଜନସେବା ପ୍ରସାରଣ ଦିବସ' ଭାବେ ପାଳିତ ହେଉଛି ଏବଂ ସେହି ସମୟର ସେହି କରୁଣ ତଥା ଆଶାବାଦୀ ସ୍ୱର ଆକାଶବାଣୀର କାନ୍ଥରେ ଆଜି ମଧ୍ୟ ଗୁଞ୍ଜରିତ ହେଉଛି। ଓଡିଶା ପରିପ୍ରେକ୍ଷୀରେ ଦେଖିଲେ, ୧୯୪୮ ମସିହା ମେ' ୨୮ ତାରିଖରେ କଟକ ମଧୁସୂଦନ ଦାସଙ୍କ ବାସଭବନ ନିକଟରେ ଆକାଶବାଣୀ କଟକ କେନ୍ଦ୍ରର ପ୍ରତିଷ୍ଠା ଓଡିଆ ସଂସ୍କୃତି, ଭାଷା ଏବଂ ସାହିତ୍ୟ ପାଇଁ ଏକ ନୂତନ ଗଙ୍ଗୋତ୍ରୀ ସଦୃଶ ଥିଲା, କାରଣ ଏହି କେନ୍ଦ୍ର ମାଧ୍ୟମରେ ହିଁ ଓଡିଶାର କୋଣ ଅନୁକୋଣର ପ୍ରତିଭାମାନେ ସାରା ବିଶ୍ୱ ଆଗକୁ ଆସିପାରିଥିଲେ। କଟକ କେନ୍ଦ୍ରର ପ୍ରସାରଣ ଆରମ୍ଭ ହେବା ମାତ୍ରେ ଯେତେବେଳେ ଲାଉଡ୍‌ସ୍ପିକର କିମ୍ବା କାଠ ବାକ୍ସ ଭଳିଆ ସେହି ବଡ ବେଲ୍ଜିଡିୟର ରେଡିଓ ସେଟ୍ ଚାରିପାଖେ ଗାଁର କୋଡିଏ ତ୍ରିଶ ଜଣ ଲୋକ ଏକାଠି ବସି ସମାଚାର ବା ଗୀତ ଶୁଣଥିଲେ, ସେହି ଦୃଶ୍ୟ ଗ୍ରାମୀଣ ଏକତା ଏବଂ ଭାଇଚାରାର ପ୍ରକୃଷ୍ଟ ପ୍ରମାଣ ଥିଲା। ସକାଳର ଓଡିଶୀ ଗୀତ, ବନ୍ଦେ ଉତ୍କଳ ଜନନୀ, ଜଗନ୍ନାଥ ଜଣାଣ, 'ଶିଶୁ ସଂସାର', ନାରୀମାନଙ୍କ ପାଇଁ 'ଗୃହଲକ୍ଷ୍ମୀ' ଏବଂ ସନ୍ଧ୍ୟା ସମୟରେ ଚାଷୀ ଭାଇମାନଙ୍କ ପାଇଁ ପ୍ରସାରିତ ହେଉଥିବା 'ପଲ୍ଲୀବନ୍ଧୁ' କାର୍ଯ୍ୟକ୍ରମ ପ୍ରତିଟି ଓଡିଆ ଜୀବନର ସୁଖଦୁଃଖର ସାଥୀ ପାଲଟିଯାଇଥିଲା। ବିଶେଷ କରି ସେହି ସମୟରେ 'ଅକାଶବାଣୀ କଟକ, ଏବେ ସମାଚାର ପଢୁଛନ୍ତି' ଶୁଣିବା ମାତ୍ରେ ଲୋକମାନେ ନିଜର ସମସ୍ତ କାମ ଛାଡି ନିରବ ହୋଇ ବସିଯାଉଥିଲେ ଏବଂ ଯେତେବେଳେ ଦେଶରେ ବନ୍ୟା, ବାତ୍ୟା କିମ୍ବା ଯୁଦ୍ଧ ଭଳି ଜରୁରୀକାଳୀନ ପରିସ୍ଥିତି ଆସୁଥିଲା, ସେତେବେଳେ ଆକାଶବାଣୀ ହିଁ ଲୋକମାନଙ୍କ ପାଇଁ ଏକମାତ୍ର ଭରସାଯୋଗ୍ୟ ଆଶ୍ରୟସ୍ଥଳ ପାଲଟୁଥିଲା। ଭାରତ-ଚୀନ୍ ଯୁଦ୍ଧ ହେଉ କିମ୍ବା ଭାରତ-ପାକ୍ ଯୁଦ୍ଧ, ଏବଂ ଓଡିଶାର ୧୯୯୯ ମହାବାତ୍ୟା ସମୟରେ ଯେତେବେଳେ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା, ସେତେବେଳେ ବ୍ୟାଟେରୀ ଚାଳିତ ଛୋଟ ଟ୍ରାଞ୍ଜିଷ୍ଟର ରେଡିଓଟିଏ ଧରି ଲୋକମାନେ ଝଡର ମୁକାବିଲା କରୁଥିଲେ ଏବଂ ଆକାଶବାଣୀରୁ ମିଳୁଥିବା ସୂଚନା ହିଁ ଲକ୍ଷ ଲକ୍ଷ ଜୀବନ ରକ୍ଷା କରିପାରିଥିଲା। ଆକାଶବାଣୀ କେବଳ ସୂଚନା ପ୍ରଦାନ କରିନାହିଁ, ବରଂ ଓଡିଆ ସଙ୍ଗୀତ ଜଗତର ଯେଉଁ ସ୍ୱର୍ଣ୍ଣଯୁଗ ଥିଲା, ତାହା ଆକାଶବାଣୀର ଷ୍ଟୁଡିଓ ଭିତରେ ହିଁ ଗଢା ହୋଇଥିଲା। ଅକ୍ଷୟ ମହାନ୍ତି, ସିକନ୍ଦର ଆଲାମ, ପ୍ରଣବ ପଟ୍ଟନାୟକ, ବନକଣ୍ଠ ନିମାଇଁ ଚରଣ ହରିଚନ୍ଦନ, ଶ୍ୟାମାମଣି ପଟ୍ଟନାୟକ ଏବଂ ଭିକାରୀ ବଳଙ୍କ ଭଳି ମହାନ କଳାକାରମାନଙ୍କ କଣ୍ଠରୁ ନିସୃତ ମଧୁର ଗୀତଗୁଡିକୁ ଆକାଶବାଣୀ ପ୍ରତିଟି ଓଡିଆ ଓଠରେ ପହଂଚାଇଥିଲା। ସେହିପରି ଚାଷୀଭାଇର ସଂସାର କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ସବୁଜ ବିପ୍ଳବ ଏବଂ କୃଷି କ୍ଷେତ୍ରର ବିକାଶ ପାଇଁ ନୂଆ ପ୍ରଯୁକ୍ତିବିଦ୍ୟାକୁ ଚାଷ ଜମି ପର୍ଯ୍ୟନ୍ତ ନେବାରେ ରେଡିଓ ଏକ ପ୍ରମୁଖ ଭୂମିକର ଗ୍ରହଣ କରିଥିଲା। ଏହା ସହିତ କ୍ରିକେଟ୍ ମ୍ୟାଚର ରୋମାଂଚକ ରନିଂ କମେଂଟ୍ରି, ଯେତେବେଳେ ରେଡିଓକୁ କାନରେ ଲଗାଇ ଗାଁ ଦାଣ୍ଡରେ କିମ୍ବା ଦୋକାନ ବଜାରରେ କାର୍ତିକେୟ ପ୍ରେମୀମାନେ ଭିଡ ଜମାଉଥିଲେ ସେହି ଭାବବେଗକୁ ଆଜିର ଡିଜିଟାଲ୍ ସ୍କ୍ରିନ୍ କେବେ ବି ସମକକ୍ଷ କରିପାରିବ ନାହିଁ। ଆକାଶବାଣୀ ଅନ୍ୟ ଏକ ସବୁଠାରୁ ବଡ ବିଶେଷତ୍ୱ ହେଉଛି, ଏହା ସମାଜର ଶେଷ ଧାଡିରେ ଠିଆ ହୋଇଥିବା ଗରିବ, ନିରକ୍ଷର ଏବଂ ଶ୍ରମିକ ଶ୍ରେଣୀର ମଣିଷ ପାଇଁ ମଧ୍ୟ ଶିକ୍ଷା ଓ ମନୋରଞ୍ଜନର ସବୁଠାରୁ ସହଜ ମାଧ୍ୟମ ଥିଲା, କାରଣ ଏହାକୁ ଶୁଣିବା ପାଇଁ ଅକ୍ଷର ଜ୍ଞାନର ଆବଶ୍ୟକତା ନଥିଲା, କେବଳ ଏକ ସ୍ପର୍ଶକତାର ହୃଦୟର ଆବଶ୍ୟକତା ଥିଲା। ସମୟ ବଦଳିବା ସହିତ ଦୂରଦର୍ଶନ ଏବଂ ପରେ ସାଟେଲାଇଟ୍ ଚ୍ୟାନେଲ୍‌ର ବନ୍ୟା ଆସିଲା, ମଣିଷର ହାତକୁ ସ୍ମାର୍ଟଫୋନ୍ ଆସିଲା, ଯାହାଫଳରେ ଲୋକମାନେ ଭାବିଥିଲେ ଯେ ବୋଧହୁଏ ରେଡିଓ ଏବଂ ଆକାଶବାଣୀର ଯୁଗ ଶେଷ ହୋଇଯିବ, କିନ୍ତୁ ଆକାଶବାଣୀର ଚେର ଏତେ ଗଭୀର ଯେ, ଏହା ନିଜକୁ ନୂଆ ରୂପରେ ସଜେଇ ଏଫ୍‌ଏମ୍ ପ୍ରସାରଣ, ନିଉଜ୍ ଅନ୍ ଏଆର୍ ଆପ୍ ଏବଂ ଡିଜିଟାଲ୍ ମାଧ୍ୟମରେ ପୁଣି ଥରେ ଲୋକଙ୍କ ପାଖକୁ ଫେରିଆସିଲା। ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ନିଜର 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ପାଇଁ ଦେଶର ସବୁଠାରୁ ଶକ୍ତିଶାଳୀ ଏବଂ ସବୁଠାରୁ ବ୍ୟାପକ ମାଧ୍ୟମ ଭାବେ ଆକାଶବାଣୀକୁ ହିଁ ଚୟନ କଲେ, ସେତେବେଳେ ଏହି ପ୍ରତିଷ୍ଠାନର ଗୁରୁତ୍ୱ ଓ ପ୍ରଭାବ ସମଗ୍ର ବିଶ୍ୱ ଆଗରେ ପୁଣି ଥରେ ପ୍ରମାଣିତ ହେଲା। ଆଜି ୯୦ ବର୍ଷ ପୂରଣ କରିବା ଅବସରରେ, ଆକାଶବାଣୀ କେବଳ ଏକ ଯନ୍ତ୍ର କିମ୍ବା ବେତାର କେନ୍ଦ୍ର ନୁହେଁ, ଏହା ହେଉଛି କୋଟି କୋଟି ଭାରତୀୟଙ୍କ ପିଲାଦିନର ସ୍ମୃତି, ଜେଜେବାପା ଓ ଜେଜେମା'ଙ୍କ ସେହି ପୁରୁଣା ଆରାମ ଚେୟାରର ସାଥ, ମା'ର ରୋଷେଇ ଘରୁ ଆସୁଥିବା ସୁଗନ୍ଧ ସହିତ ଭାସି ଆସୁଥିବା ସଙ୍ଗୀତର ଲହରୀ ଏବଂ ବର୍ଷା ଦିନେ ଝରକା କାଶରେ ବସି ଦେଶ ବିଦେଶର ଖବର ଶୁଣିବାର ଏକ ଅପୂର୍ବ ଅନୁଭୂତି। ଏହାର ନିରପେକ୍ଷତା, ସ୍ୱଚ୍ଛତା ଏବଂ ଗୁଣାତ୍ମକ ପ୍ରସାରଣ ଆଜି ମଧ୍ୟ ସୋସିଆଲ ମିଡିଆର ଗୁଜବ ଏବଂ ନକଲି ଖବରର ଦୁନିଆରେ ସତ୍ୟର ଏକ ଆଲୋକ ବର୍ତିକା ସଦୃଶ ଠିଆ ହୋଇଛି, ହେଉଁଠି ପ୍ରତିଟି ବାକ୍ୟ ଏବଂ ପ୍ରତିଟି ସ୍ୱର ଉପରେ ଦେଶର ନାଗରକିଙ୍କର ଅନ୍ଧବିଶ୍ୱାସ ରହିଛି। ଆକାଶବାଣୀର ଏହି ଗୌରବମୟ ୯୦ବର୍ଷର ସେବା ପାଇଁ ଆମେ ସେହି ସମସ୍ତ ନିରବ ଶିଳ୍ପୀ, ଉପସ୍ଥାପନ, ଯନ୍ତ୍ରୀ ଏବଂ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଉଛୁ, ଯେଉଁମାନେ ନିଜର ସ୍ୱର ଏବଂ ପରିଶ୍ରମ ମାଧ୍ୟମରେ ଭାରତୀୟ ସଂସ୍କୃତିର ପତାକାକୁ ସଦା ସର୍ବଦା ଉଚ୍ଚରେ ରଖିଛନ୍ତି। ଯେ ପର୍ଯ୍ୟନ୍ତ ଏହି ଆକାଶ ଥିବ, ସେ ପର୍ଯ୍ୟନ୍ତ ଏହି ଆକାଶର ସ୍ୱର ପ୍ରତିଟି ଭାରତୀୟ ହୃଦୟରେ ଗୁଞ୍ଜରିତ ହେଉଥିବ ଏବଂ ଆମକୁ ଆମର ମାଟି, ଆମର ଭାଷା ଏବଂ ଆମର ସଂସ୍କାର ସହିତ ସବୁଦିନ ପାଇଁ ଯୋଡି ରଖିବ, କାରଣ ଆକାଶବାଣୀ କେବଳ ଏକ ମାଧ୍ୟମ ନୁହେଁ, ଏହା ହେଉଛି ଭାରତର ପବିତ୍ର ଆତ୍ମାର ଏକ ଅମର ସ୍ପନ୍ଦନ।

# କୁମ୍ଭୀର ନେଇ ଆମକୁ ଅଧା ନଙ୍ଗ କରିସାରିଲାଣି –(୨)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ନାଗରିକର ଗୁରୁତ୍ୱପୂର୍ଣ୍ଣ ଅଧିକାର ଓ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱାଧୀନତାର ଉପାଦାନ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟବସ୍ଥାର ଶାସକ, ପ୍ରଶାସକ, ପ୍ରଭାବଶାଳୀ ବ୍ୟକ୍ତିମାନେ ଦିନ ଦ୍ୱିପ୍ରହରରେ ହତ୍ୟା କରି ଚାଲିଥିଲେ ମଧ୍ୟ କ୍ଷମତାରେ ଥିବାରୁ ସେମାନଙ୍କୁ ଦଣ୍ଡିତ କରାଯାଇ ପାରୁନାହିଁ । ଦିନ ଦ୍ୱିପ୍ରହରରେ ରାଜରାସ୍ତା ଉପରେ ଏବଂ ପୋଲିସ ସମ୍ମୁଖରେ ଅପରାଧୀମାନେ ଜଘନ୍ୟ ଅପରାଧ କରି ମଧ୍ୟ ଦଣ୍ଡିତ ହୋଇ ପାରନ୍ତି ନାହିଁ । ସାଧାରଣ ମଣିଷ ଗୁଡାକ ଅପରାଧୀମାନଙ୍କର ଅପରାଧ ଦେଖୁଥିଲେ ମଧ୍ୟ କୋର୍ଟ କଚେରୀରେ ସାକ୍ଷୀ ଦେବା ପାଇଁ ଭୟ କରନ୍ତି । ଏହାର ମୁଖ୍ୟ କାରଣ ହେଲା ଯେଉଁ ଲୋକ ଏ ଅପରାଧୀମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ପ୍ରଦାନ କରିବ, ତାର ପରବର୍ତ୍ତୀ ସୁରକ୍ଷା ପାଇଁ କିଏ ଦାୟୀ ରହିବ ? ଏ ରାଷ୍ଟ୍ର, ଏ ସମାଜ ନା ଏ ଦେଶର ଆଇନ ବ୍ୟବସ୍ଥା ? ଲୋକ ପ୍ରତିନିଧିମାନଙ୍କ ମଧ୍ୟରୁ ତ ଅଧିକାଂଶ ପ୍ରତିନିଧି ଭୟଙ୍କର ଅପରାଧୀ, ଏହିମାନଙ୍କର ଛତ୍ରଛାୟାତଳେ ଅପରାଧୀମାନଙ୍କର ସାମ୍ରାଜ୍ୟ, ତେଣୁ କାହାର ବା ଜୁ' ଅଛି ନିଜ ଜୀବନକୁ ପାଣି ଛଡେଇ ଅପରାଧୀମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବ ? ଗୋଟାଏ ସ୍ୱାଧୀନ ତଥା ଗଣତାନ୍ତ୍ରିକ ଭାରତ ବର୍ଷରେ ଆଜି ପର୍ଯ୍ୟନ୍ତ ଜନସାଧାରଣଙ୍କ ମୌଳିକ ଅଧିକାରକୁ ପ୍ରତି ମୁହୂର୍ତ୍ତରେ ପ୍ରତ୍ୟେକ ସ୍ତରରେ ଯେପରି ଦୈନନ୍ଦିନ ହତ୍ୟା କରାଯାଏ ସେପରି ଅପରାଧ କେବଳ ଭାରତ ବର୍ଷକୁ ଛାଡିଦେଲେ ଅନ୍ୟ କୌଣସି ରାଷ୍ଟ୍ରରେ ସମ୍ଭବତଃ ଦେଖାଯାଏ ନାହିଁ। ଏଠାରେ ଏପରି ନେତୃବୃନ୍ଦ ଧୀରେ ଧୀରେ ବଢି ଚାଲିଛନ୍ତି ଯେଉଁମାନେ କି ଗାନ୍ଧୀ, ଗୋପବନ୍ଧୁ ଏବଂ ବହୁ ଜାତୀୟ ସ୍ତରର ବହୁ ନେତାଙ୍କୁ ଜାଣି ନାହାଁନ୍ତି, ଦେଖି ନାହାଁନ୍ତି କିମ୍ବା ତାଙ୍କ ବିଷୟରେ ସାମାନ୍ୟତମ ଅଧ୍ୟୟନ ବି କରିନାହାଁନ୍ତି କିନ୍ତୁ କୌଶଳ କରି ସତ ସତିକା ଅଭିନୟ ମାଧ୍ୟମରେ ମହାନ୍ ନେତା ଜନସେବକ ମାନଙ୍କର ଚରିତ୍ର ଓ ଆଦର୍ଶକୁ ଏପରି ଭାବେ ବଖାଣନ୍ତି ଯେ ଜନସାଧାରଣ ଏମାନଙ୍କ ଅନର୍ଗଳ ଭାଷଣରେ ବିଭୋର ଆଉ ମନ୍ତ୍ରମୁଗ୍ଧ ହୋଇଯାନ୍ତି । ଶେଷରେ ଏହି ଜହ୍ଲାଦ ନେତୃବୃନ୍ଦଙ୍କର ଜୟଜୟକାରରେ ଗଗନ ପବନକୁ ପ୍ରକମ୍ପିତ କରି ଦେଇଥାନ୍ତି । ଏବେ ଅଗଣିତ ମଣିଷ ଏପରି ଅବସ୍ଥାରେ ପହଞ୍ଚି ଗଲେଣି ଯେ ଯାବତୀୟ ଅନ୍ୟାୟ ଅତ୍ୟାଚାରରେ ଶୀକାର ହେଉଥିଲେ ମଧ୍ୟ ଥାନାକୁ ଯାଇ ଅଭିଯୋଗଟିଏ କରିପାରୁ ନାହାଁନ୍ତି ଓ କପାଳରେ କରମାରି ଈଶ୍ୱରଙ୍କୁ ଡାକୁଛନ୍ତି ଅଥବା ନିଜକୁ ଅଭିଶାପ ଦେଇ ଭାଗ୍ୟକୁ ନିନ୍ଦା କରୁଛନ୍ତି । ଏହିଭଳି ସ୍ଥିତିରେ ଆମ ଭିତରୁ କେତେଜଣ ଲୋକଙ୍କର ସାମର୍ଥ୍ୟ ଓ ଶକ୍ତି ଅଛି ଯେ ନ୍ୟାୟାଳୟ, ହାଇକୋଟ, ସୁପ୍ରିମକୋର୍ଟ ଯାଇ ନ୍ୟାୟ ପାଇବା ପାଇଁ ସଂଘର୍ଷ କରିପାରିବେ ? ପେଟକୁ ମୁଠାଏ ଦାନା ପାଇଁ ସଂଘର୍ଷ କରୁଥିବା ଲୋକମାନଙ୍କର କେତେ ଶକ୍ତି ଅଛି ବର୍ଷ ବର୍ଷ ଧରି ଖରାତରାରେ ଦୌଡି ଦୌଡି କୋର୍ଟ କଚେରୀକୁ ଯାଇ ପାରିବେ ? ଏମାନଙ୍କ ମଧ୍ୟରୁ ନା ବି କେହି ନିଜର ଜୀବନକୁ ପାଣି ଛଡେଇ କୋର୍ଟ କଚେରୀରେ ଆଶ୍ରୟ ନେଇ ସଂଗ୍ରାମ କରି ଚାଲନ୍ତି । ତେବେ ଏମାନଙ୍କ ଦେହରେ ଜୀବନ ଥିବା ମଧ୍ୟରେ ନ୍ୟାୟ ଯେ ନିଶ୍ଚିତ ପାଇପାରିବେ, ଏକଥାର ଗ୍ୟାରେଣ୍ଟି ଏ ଦେଶର ଶାସନ ବ୍ୟବସ୍ଥାରେ କେଉଁଠି ସୁନିଶ୍ଚିତ କରାଯାଇଛି କି ? ଭାରତ ବର୍ଷରେ ପ୍ରାୟ ନବେ ପ୍ରତିଶତ ମଣିଷ ଦୀର୍ଘଦିନ ଧରି ହୃଦୟଙ୍ଗମ କରି କହିଥାନ୍ତି ଯେ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ, ଏ କଥାଟିର ପ୍ରମାଣ ଏ ଦେଶରେ ମାଳମାଳ ସଂଖ୍ୟାରେ ପରିପୂର୍ଣ୍ଣ ହୋଇଗଲାଣି । ଏହାପରେ ଆମେ ନେଇ ଆସୁଛୁ ତମାମ ଭାରତୀୟଙ୍କୁ ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିବା ମଦ୍ୟ ପାନର ମଧୁଶାଳା ପରିସରକୁ । ନିଶା ସେବନ କ୍ଷେତ୍ରରେ କିପରି ଆମର ସମାଜ, ଆମର ସଭ୍ୟତା, ମାନବିକ ମୂଲ୍ୟବୋଧ ଉପରେ କୁଠାରାଘାତ କରି ନିଶାସେବନକୁ ପ୍ରୋତ୍ସାହନ ଯୋଗାଉଛୁ ଏବଂ ତମାମ ମାନବ ସଭ୍ୟତାକୁ ଧ୍ୱସ ମୁଖକୁ ଠେଲି ଦେବାପାଇଁ ପ୍ରତି ମୁହୂର୍ତ୍ତରେ ପ୍ରତିଦ୍ୱନ୍ଦ୍ୱିତା କରି ଚାଲିଛୁ । ଆମ ଆଭିମୁଖ୍ୟ ହେଲା ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଆର୍ଥିକ ସମ୍ବଳ ଦରକାର । ନିଶା ଦ୍ରବ୍ୟରେ କୁଆଡେ ଏତେ ରାଜସ୍ୱ ଭର୍ତ୍ତି ରହିଛି ଯେ ତାକୁ ଯଦି ନିଷିଦ୍ଧ କରାଯାଏ, ତେବେ ଆମର ପ୍ରଗତି ହୋଇପାରିବନି । ତେଣୁ ମଦ୍ୟପାନକୁ ସୁଦୂର ପ୍ରସାରୀ କରିଦେବାପାଇଁ ସବୁ ପ୍ରକାର ଉଦ୍ୟମ ଜାରି କରି ସଫଳତାର ଶୀର୍ଷରେ ଅନେକ ଦିନରୁ ସରକାର ପହଞ୍ଚି ସାରିଛନ୍ତି । ଏହାର ଗଭୀରତାକୁ ମାପିବା ପାଇଁ ହୁଏତ ଆମ ସାଧାରଣ ମଣିଷମାନଙ୍କ ମୁଣ୍ଡରେ ବୁଦ୍ଧି ନ ଥାଇପାରେ । କିନ୍ତୁ ନିଶାପାନ ଦ୍ୱାରା ରାଜ୍ୟର ସାଧାରଣ ଶ୍ରମିକ, ମୂଲିଆ ଏବଂ କେତେ ସରଳ, ନିରୀହ ଯୁବକ, ଛାତ୍ରଙ୍କର ଜୀବନ ଅକାଳରେ ଚାଲିଗଲାଣି । କେତେ ପରିବାରଙ୍କର ବଂଶ ନାଶ ହୋଇଗଲାଣି କେତେ କେତେ ପିତା, ମାତାଙ୍କର କୋଳ ଶୂନ୍ୟ ହୋଇଗଲାଣି, କେତେ ନାରୀମାନଙ୍କର ମୁଣ୍ଡରୁ ସିନ୍ଦୁର ଲିଭିଗଲାଣି ଏପରି ଛାତିଫଟା କରୁଣ ଆଉ ବିକଳତାର ହୃଦୟ ବିଦାରକ ଘଟଣାବଳୀର ବିସ୍ତାରିତ କ୍ଷେତ୍ରକୁ କେବେ ସରକାର କିମ୍ବା ରାଜ୍ୟର ତମାମ ବୁଦ୍ଧିଜୀବୀ ସମୀକ୍ଷା ଆଜି ପର୍ଯ୍ୟନ୍ତ କଲେଣିକି ? (କ୍ରମଶଃ)

# ହିନ୍ଦୁ ଧର୍ମରେ ସତ୍ୟ, ଶିବ ଓ ସୁନ୍ଦରର ଭାବ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଆମ 'ହିନ୍ଦୁ' ଏକ କ୍ରିୟାଶୀଳ ଧର୍ମ । ଯୁଗଧର୍ମକୁ ତାଳଦେଇ ଏହା ଅଲୌକିକ ଭାବେ ଗତି କରିଥାଏ। ଆଜିର ସାମ୍ବିଧାନିକ ଧର୍ମ ନିରପେକ୍ଷତା। ଯେଉଁମାନେ ଏହାର ଉଲଂଘନ କରନ୍ତି ମୋ ମତରେ ସେମାନେ ହିନ୍ଦୁ ଧର୍ମର ମହତ୍ତ୍ୱ ବୁଝିନାହାଁନ୍ତି। ତେଣୁ ଆଜି ହିନ୍ଦୁଧର୍ମ ଉପରେ ଅନେକ ସଙ୍କଟ ଦେଖାଦେଉଛି। କିନ୍ତୁ ବିଚାର କଲେ ଏହି ସଙ୍କଟ ଅନ୍ୟ ଧର୍ମାବଲମ୍ବୀ ମାନଙ୍କ ଦ୍ୱାରା ନୁହେଁ, ବରଂ ଯେଉଁମାନେ ଅନ୍ୟ ସଂସ୍କୃତିକୁ ଅନ୍ଧ ଭାବରେ ନକଲ କରୁଛନ୍ତି ଓ ନିଜଧର୍ମର ସାରକୁ ଭୁଲି ଭୁଲ ତର୍ଜମା କରୁଛନ୍ତି। ସେମାନେ 'ଅହଂ ବ୍ରହ୍ମୋଃସ୍ମି' ଓ 'ତତ୍ତ୍ୱମସି' କୁ ହୃଦୟଙ୍ଗମ ନକରି ରାମ, ରହିମ ଓ ମନ୍ଦିର ମସ୍‌ଜିଦ୍‌କୁ ନେଇ ଗଣ୍ଡଗୋଳ କରନ୍ତି। ଏଠାରେ ପ୍ରଶ୍ନ ମନରେ ଉଙ୍କି ମାରେ ଆଜି ଅନେକ ବର୍ଷ ଧରି 'ରାମ' ଙ୍କୁ କାହିଁକି ମର୍ଯ୍ୟାଦା ପୁରୁଷୋତ୍ତମ ଓ ତାଙ୍କ ଶାସନକୁ 'ରାମରାଜ୍ୟ' ଶାସନ କୁହାଯାଏ ? ଏହାର କାରଣକୁ ଅନୁଧ୍ୟାନ କଲେ ଜଣାପଡେ ସେହି ମର୍ଯ୍ୟାଦାପୁରୁଷ ରାମଙ୍କ ଉପଯୁକ୍ତ ଶାସନ (ଗୁଡ ଗଭର୍ଣ୍ଣାନ୍ସ) ଓ ଧର୍ମର ( ରୁଲ ଅଫ୍ ଲ') ର ସେ ରକ୍ଷକ ଥିଲେ। ତାଙ୍କ ଶାସନ କାଳରେ ଜନସାଧାରଣଙ୍କୁ ଈଶ୍ୱରଙ୍କ ସ୍ଥିତିକୁ ନେଇ ତାଙ୍କ ଉପରେ କୌଣସି ଅତ୍ୟାଚାର ନଥିଲା। ଜୀବନ ମୃତ୍ୟୁର ଚକ ଭିତରେ ସମସ୍ତେ ଗଠନମୂଳକ ଚିନ୍ତାରଖି ଆଗେଇ ଚାଲନ୍ତୁ ଏହା ଥିଲା 'ରାମ ରାଜ୍ୟର' ପ୍ରଧାନ ଭାବଧାରା। ଏହି ଅଖିଳ ବିଶ୍ୱ ବ୍ରହ୍ମାଣ୍ଡରେ ଦେବତାର ସାକାର ଓ ନିରାକାରବାଦ ଉପରେ ନଥିଲା ଅନାବଶ୍ୟକ ପ୍ରତିଦ୍ୱନ୍ଦ୍ୱିତା।

ହିନ୍ଦୁ ଜୀବନ ଦର୍ଶନ ଆଧାର, ସ୍ୱାଧୀନତା ଓ ଅନୁସନ୍ଧିତ୍ସା ଯୋଗୁଁ ସ୍ଥିତିଶୀଳ। ଜନ୍ମ ମୃତ୍ୟୁର ଚକ୍ର, ଇଷ୍ଟ ଦେବଙ୍କୁ ସମ୍ମାନ, ପ୍ରାଣୀ ଓ ବସ୍ତୁ ମଧ୍ୟରେ ଜୀବନ 'ଦେବଦର୍ଶନ'ର ଅନୁଭୂତି ଏହି ଧର୍ମକୁ ମହାନ କରିଛି। ତେଣୁ ଅନ୍ୟ କୌଣସି ଧର୍ମ ସହ ସଂଘର୍ଷ ନକରି ନଜର ହିନ୍ଦୁ ଚିନ୍ତାଧାରାରେ ଅନୁପ୍ରାଣୀତ ହେବା ଉଚିତ। ଧର୍ମ ନିରପେକ୍ଷ ଚେତନା ଏହି ଧର୍ମର ମୂଳଭିତ୍ତି। ଆମର ଭବିଷ୍ୟତ ଯୁବ ସମାଜକୁ ଏପରି ଶିକ୍ଷାରେ ଦୀକ୍ଷିତ କରାଇବା ଉଚିତ। ଆମର ଚିନ୍ତାଧାରା ସଂକୀର୍ଣ୍ଣତାର ଜାଲ ଛିଣ୍ଡାଇ ବ୍ୟାପକତା ଆଡକୁ ଅଗ୍ରସର ହେବା ଉଚିତ। ଆମ ହିନ୍ଦୁ ଧର୍ମ ତଥା ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ ଶୋଭା ମଧ୍ୟରେ "ସତ୍ୟ ଶିବ ସୁନ୍ଦର" ର ଭାବ ଅନାବିଷ୍କୃତ ଭାବରେ ରହିଛି। ଆମେ ଯେତେବେଳେ ତାକୁ ଦେଖିବା ସହ ହୃଦୟଙ୍ଗମ କରିପାରିବା ଓ ନିଜକୁ ସେଥିରେ ମିଶାଇ ଦେବା ତାହା ହେବ ଏକ ପରିପୂର୍ଣ୍ଣ ଜୀବନ। ଯୁଗେ ଯୁଗେ ମହାପୁରୁଷମାନେ ସାଧାରଣ ମନୁଷ୍ୟକୁ ସଚେତନ କରାଇଥାନ୍ତି। ସ୍ୱାର୍ଥର ଗଣ୍ଡି ମଧ୍ୟରେ ଆବଦ୍ଧ ନରହି ଜୀବନକୁ ଉପଭୋଗ କରିବା ପାଇଁ ସହନଶୀଳତାର ମନ୍ତ୍ରରେ ଅପରର ଯନ୍ତ୍ରଣାର ଉପଶମ କରାଇବା ସମସ୍ତଙ୍କର ଲକ୍ଷ୍ୟ ହେଉ। ଆଦି ଶଙ୍କରାଚାର୍ଯ୍ୟ 'ଭଜ ଗୋବିନ୍ଦମ୍' ସ୍ତୋତ୍ରରେ ମୂଢମତେ !, ମୂଢମତେ ! ବୋଲି ସମ୍ବୋଧନ କରିଛନ୍ତି। ରେ ମାନବ ସମାଜ ଉଠ ଜାଗ୍ରତ ହୁଅ ମନରୁ ଘୃଣା ପରିତ୍ୟାଗ କର ତେବେ ଯାଇ ସୌନ୍ଦର୍ଯ୍ୟର ଲହରିରେ ତୁମେ ସିକ୍ତ ହେବ। ବସୁନ୍ଧରା ମଧୁମୟ ହେବ, ସମୁଦ୍ରରୁ ମଧୁ କ୍ଷରିତ ହେବ। ପ୍ରତ୍ୟେକ ଧର୍ମାବଲମ୍ବୀମାନେ ନିଜ ଧର୍ମର ଉତ୍କର୍ଷତା ପ୍ରତିପାଦନ କରିବାକୁ ଯାଇ ଅନ୍ୟ ଧର୍ମ ଓ ଧର୍ମଗୁରୁମାନଙ୍କୁ ସମାଲୋଚନା କରିଥାନ୍ତି। କୋଟିକରେ ଗୋଟିଏ ସର୍ବଶକ୍ତିମାନଙ୍କର ପୂର୍ଣ୍ଣତା ଅନୁଭବ ଆସ୍ୱାଦନ କରିଥାନ୍ତି। ଗୀତାର ସପ୍ତମ ଅଧ୍ୟାୟର ତୃତୀୟ ଶ୍ଳୋକରେ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କୁ କହିଛନ୍ତି 'ମାଂ ବେତ୍ତି ତତ୍ତ୍ୱତଃ' "ମୋତେ ବାସ୍ତବରେ ଚିହ୍ନ"। ଆମେ କୃଷ୍ଣଙ୍କର ଲୀଳା, ଜନ୍ମ, କେତେ ବୟସରେ ସେ ଅର୍ଜୁନଙ୍କୁ ଗୀତା ଉପଦେଶ ଦେଲେ , ଏ ସବୁ ବିଷୟରେ ଯେତେ ଜାଣିବାରେ ମଗ୍ନ ରହୁ କିନ୍ତୁ ଗୀତାର ଅସଲ ଅର୍ଥରୁ ବା ରହସ୍ୟରୁ ଦୁରେଇଯାଉ। ଆଜି ଆମେ ସମସ୍ତେ ଭଗବାନଙ୍କୁ ନଚାହିଁ ତାଙ୍କ ଠାରୁ ଚାହୁଁ ତେଣୁ ସଂସାର ସାଗରରେ ପଡି ଘାଣ୍ଟି ହୋଇଥାଉ। ବାଳକ ବୟସରେ ପ୍ରହ୍ଲାଦ ଭଗବାନଙ୍କୁ ଚାହିଁଲା ଭକ୍ତ ମନୋରଥ ପୁରଣ ପାଇଁ ସେ ନରସିଂହ ରୂପ ଧରିବାକୁ ବାଧ ହେଲେ କାରଣ ସେ ଭକ୍ତବାନ୍ଧବ। ଆମ ଭିତରୁ କ୍ୱଚିତ ସେହି ସର୍ବବ୍ୟାପକ ପରମାତ୍ମାଙ୍କୁ ଅନ୍ତରର ନିଭୃତ କୋଣରୁ ଭଲପାଉ !

ମନେ ପଡେ ରାମକୃଷ୍ଣ ପରମହଂସ ତାଙ୍କ ଶିଷ୍ୟ ମାନଙ୍କୁ କହିଥିବା ଗପଟିଏ ଯାହା ହେଲା " କେତେକ ଲୋକ ଗୋଟିଏ ଆମ୍ବ ତୋଟାକୁ ଗଲେ। ସେଠାରେ ସେମାନେ ସୁନ୍ଦର ବୃକ୍ଷ ରାଜିର ଡାଳ, ପତ୍ର ଫୁଲ, ଫଳ ଇତ୍ୟାଦି ବିଷୟରେ ଅନେକ କଥା କହିବାକୁ ଲାଗିଲେ। କିନ୍ତୁ ପ୍ରକୃତରେ ଜାଣିବା ଲୋକଟି ଗୋଟିଏ ଆମ୍ବ ଖାଇ ତାର ରସ ଆସ୍ୱାଦନ କଲା। ସେହିପରି ଜଣେ ପ୍ରକୃତ ଆଧାତ୍ମବାଦୀ ଭଗବାନଙ୍କର ସୃଷ୍ଟି, ଦକ୍ଷତା ବିଷୟରେ ମନ ନଦେଇ ତାଙ୍କୁ ତଥା ତାଙ୍କ ସର୍ଜନାକୁ ଜାଣିବାର ପ୍ରୟାସ କଲା। ଆଜି ଅନେକ ବକ୍ତା ପ୍ରବଚନ ମାଧ୍ୟମରେ ଅନେକ ଧର୍ମ ବାଣୀ ଶୁଣାଉଛନ୍ତି କିନ୍ତୁ ବକ୍ତା ଓ ଶ୍ରୋତା ଉଭୟେ ଈଶ୍ୱରଙ୍କୁ ପ୍ରକୃତ ଅର୍ଥରେ ବୁଝିବାରେ ଅକ୍ଷମ। ରାମକୃଷ୍ଣ ସମସ୍ତଙ୍କୁ ଆମ୍ବ ଖାଇବାକୁ ଉପଦେଶ ଦେଲେ। ସେ ହୃଦୟଙ୍ଗମ କରିଥିଲେଯେ ଭଗବାନଙ୍କୁ ପାଇବା ପାଇଁ "ଯତୋ, ମତୋ, ତତୋ ପଥ''। ବୈଷ୍ଣବ, ଶାକ୍ତ, ଶୈବ, ତାନ୍ତ୍ରିକ ମାନ୍ତ୍ରିକ ସମସ୍ତେ ନିଜ ମାର୍ଗରେ ନିର୍ମଳ ଚିତ୍ତରେ ଓ ଭାବରେ ତାଙ୍କୁ ପାଇବେ, ଯେପରି ଆମ୍ବ ତୋଟାରେ ଲୋକଟି ଆମ୍ବଟିକୁ ଖାଇ ଭଗବାନଙ୍କର ଅପୂର୍ବ ସୃଷ୍ଟି ସମ୍ଭାରକୁ ଭୂୟସୀ ପ୍ରଶଂସା କରିଥିଲା।

ପ୍ରହ୍ଲାଦ ନିଜ ପିତାଙ୍କ ଦ୍ୱାରା ବାରମ୍ବାର ମରଣାନ୍ତକ ଯନ୍ତ୍ରଣା ପାଇଲେ, ଯିଶୁ କ୍ରୁଶବିଦ୍ଧ ହେଲେ, ମୀରା ନିଜ ଶ୍ୱଶୁରଘରେ ଲାଂଛିତ ହେଲେ, କବୀର ସମାଜରେ ହାସ୍ୟାସ୍ପଦ ହେଲେ, ନାମଦେବଙ୍କୁ ପାଗଳ କୁହାଗଲା, ଉଚ୍ଚବର୍ଣ୍ଣର ଲୋକେ ତୁଳସୀଦାସଙ୍କୁ ଧମକ ଦେଲେ, ସକ୍ରେଟିସ୍‌ଙ୍କୁ ବିଷପାନ କରିବାକୁ ବାଧ କରାଗଲା, କେହି ରକ୍ଷା ପାଇ ପାରିଲେ ନାହିଁ। ଏମାନଙ୍କୁ ପ୍ରଦତ୍ତ ଦଣ୍ଡ ସେମାନଙ୍କ ପାଇଁ ଯନ୍ତ୍ରଣା ଦାୟକ ନଥିଲା। ଯେ ହେତୁ ସେମାନଙ୍କ ହୃଦୟ ମନ୍ଦିରରେ ପରମେଶ୍ୱର ରହିଥିଲେ। ତେଣୁ ତାଙ୍କ ପାଇଁ ସାଂସାରି ଦଣ୍ଡ ବା ଭୟ କିଛି ନଥିଲା। ହିନ୍ଦୁ ଦର୍ଶନରେ ଜୀବନର ୪ଟି ଲକ୍ଷ୍ୟ ହେଲା ଧର୍ମ, ଅର୍ଥ, କାମ ଓ ମୋକ୍ଷ। ଏହି ଚାରୋଟି ମାର୍ଗ ଜୀବନରେ ଅନ୍ତଃସଲିଳ ଭାବେ ପ୍ରବାହିତ ଓ ଏମାନେ କେହି କାହାର ବିରୋଧୀ ନୁହଁନ୍ତି। ଏହା ହେଲା ସତ୍ୟ, ଶିବ ସୁନ୍ଦରର ରହସ୍ୟ ବୋଲି ମୋର ମତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ପ୍ରଥମ ଭାରତୀୟ ମହିଳା ଜିମ୍ନାଷ୍ଟ : ବିଶ୍ୱ ଜିମ୍ନାଷ୍ଟିକ୍ସ ସ୍କଲାରସିପ୍ ହାସଲ କଲେ ପ୍ରୀତି ଝଙ୍କାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଜିମ୍ନାଷ୍ଟିକ୍ସ ଇତିହାସରେ ଏକ ଐତିହାସିକ ସଫଳତା ସ୍ୱରୂପ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୧୬ ବର୍ଷୀୟା ପ୍ରୀତି ଝଙ୍କାର ପ୍ରଥମ ଭାରତୀୟ ମହିଳା ଜିମ୍ନାଷ୍ଟ ଭାବେ ୱାର୍ଲ୍ଡ ଜିମ୍ନାଷ୍ଟିକ୍ସ ସ୍କଲାରସିପ୍ ୨୦୨୬ ହାସଲ କରିଛନ୍ତି। ବିଶ୍ୱ ଜିମ୍ନାଷ୍ଟିକ୍ସ କ୍ଷେତ୍ରରେ ସବୁଠାରୁ ପ୍ରତିଷ୍ଠିତ ଏବଂ ପ୍ରତିସ୍ପର୍ଦ୍ଧାତ୍ମକ ସମ୍ମାନ ମଧ୍ୟରୁ ଅନ୍ୟତମ ଏହି ସ୍କଲାରସିପ୍ ଇଣ୍ଟରନ୍ୟାସନାଲ୍ ଜିମ୍ନାଷ୍ଟିକ୍ସ ଫେଡେରେସନ୍ (ଏଫ୍‌ଆଇଜି) ଦ୍ୱାରା ଅସାଧାରଣ ପ୍ରତିଭା, ଉଚ୍ଚ ପ୍ରଦର୍ଶନ କ୍ଷମତା ଓ ଆନ୍ତର୍ଜାତୀୟ ସମ୍ଭାବନା ଥିବା ଖୁବ୍ କମ୍ ଖେଳାଳିଙ୍କୁ ପ୍ରଦାନ କରାଯାଇ ଥାଏ। ଏହି ବର୍ଷ, ବିଶ୍ୱର ୨୦ଟି ଦେଶରୁ ମାତ୍ର ୧୨ ଜଣ ଜିମ୍ନାଷ୍ଟ ମଧ୍ୟରୁ ଚୟନ ହୋଇଥିବା ପ୍ରୀତି ୬ ଲକ୍ଷ ଟଙ୍କାର ସ୍କଲାରସିପ୍ ରାଶି ପାଇବେ।



ଓଡ଼ିଶାର ଭୁବନେଶ୍ୱର ବାସିନ୍ଦା ପ୍ରୀତି ଗତ ତିନି ବର୍ଷ ଧରି ଏଚପିସିରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସମୟରେ ସେ ନିୟମିତ ଶୃଙ୍ଖଳା, ଦୃଢ଼ତା ଓ ପ୍ରତିସ୍ପର୍ଦ୍ଧାତ୍ମକ ଦକ୍ଷତା ପ୍ରଦର୍ଶନ କରିଆସୁଛନ୍ତି। ଏହି ଅବଧି ମଧ୍ୟରେ ସେ ୧୨ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ପଦକ ହାସଲ କରିବା ସହିତ ଭାରତର ଅନ୍ୟତମ ପ୍ରତିଭାଶାଳୀ ଯୁବ ଜିମ୍ନାଷ୍ଟ ଭାବେ ଉଭା ହୋଇଛନ୍ତି। ତାଙ୍କ କ୍ରୀଡ଼ା ଯାତ୍ରାରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଜୁନିୟର ଏସିଆନ୍ ଚାମ୍ପିଅନସିପ୍ ୨୦୨୫, ପର୍ତ୍ତୁଗାଲରେ ଆୟୋଜିତ ଇଣ୍ଟରକଣ୍ଟିନେଣ୍ଟାଲ୍ କପ୍ ୨୦୨୫, ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଜାତୀୟ ଚ୍ୟାମ୍ପିୟନସିପ୍ ୨୦୨୪-୨୫ ଏବଂ ୨୦୨୫-୨୬ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାର ସଫଳତା ସମ୍ମିଳିତ ଅଛି, ଯେଉଁଠାରେ ସେ ବିଶ୍ୱର ଶ୍ରେଷ୍ଠ ଜିମ୍ନାଷ୍ଟମାନଙ୍କ ସହ ପ୍ରତିସ୍ପର୍ଦ୍ଧା କରି ନିଜ ଦକ୍ଷତା ପ୍ରମାଣ କରିଛନ୍ତି।

ପ୍ରୀତିଙ୍କୁ ଅଭିନନ୍ଦନ ଜଣାଇ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି, "ପ୍ରୀତିଙ୍କ ଏହି ସଫଳତା ନେଇ ଆମେ ଅତ୍ୟନ୍ତ ଗର୍ବିତ। ଏତେ କମ୍ ବୟସରେ ୱାର୍ଲ୍ଡ ଜିମ୍ନାଷ୍ଟିକ୍ସ ସ୍କଲାରସିପ୍ ମିଳିବା ତାଙ୍କର ଅସାଧାରଣ ପ୍ରତିଭା, ଶୃଙ୍ଖଳା ଓ ଦୃଢ଼ ସଙ୍କଳ୍ପର ପ୍ରମାଣ। ଏହା ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଆମେ ସୃଷ୍ଟି କରିଥିବା ଦୃଢ଼ ବାତାବରଣରକୁ ପ୍ରତିଫଳିତ କରୁଛି। ଏଏମ୍/ଏନ୍‌ଏସ୍ ଇଣ୍ଡିଆରେ, ଆମେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଆଥଲେଟ୍‌ମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ସଂଗଠିତ ସମର୍ଥନ ଓ ବିଶ୍ୱ ମଞ୍ଚରେ ଉତ୍କର୍ଷତା ହାସଲ ପାଇଁ ସୁଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ପ୍ରୀତିଙ୍କ ସଫଳତା କେବଳ ତାଙ୍କ ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ, ବରଂ ସାରା ଦେଶର ଅସଂଖ୍ୟ ଯୁବ ଜିମ୍ନାଷ୍ଟଙ୍କ ପାଇଁ ଏକ ପ୍ରେରଣା, ଯାହା ଭାରତୀୟ ଜିମ୍ନାଷ୍ଟିକ୍ସକୁ ଆନ୍ତର୍ଜାତୀୟ ମଞ୍ଚରେ ଆହୁରି ଉଜ୍ଜ୍ୱଳ କରିବା ନିମନ୍ତେ ଆମ ଦୃଷ୍ଟିକୋଣକୁ ପୁନଃ ପ୍ରତିପାଦିତ କରୁଛି।"

ସ୍କଲାରସିପ୍ ପାଇବା ଅବସରରେ ପ୍ରୀତି କହିଛନ୍ତି, "ୱାର୍ଲ୍ଡ ଜିମ୍ନାଷ୍ଟିକ୍ସ ସ୍କଲାରସିପ୍ ପାଇବା ମୋ ପାଇଁ ସ୍ୱପ୍ନ ପୂରଣ ସହିତ ଏକ ନୂଆ ଉତ୍ସାହଜନକ ଅଧ୍ୟାୟର ଆରମ୍ଭ। ଏହି ସ୍ୱୀକୃତି, ମୋତେ ଅଧିକ ପରିଶ୍ରମ କରିବା, ଉଚ୍ଚ ଲକ୍ଷ୍ୟ ରଖିବା ଓ ବିଶ୍ୱ ମଞ୍ଚରେ ଦେଶକୁ ଗର୍ବିତ କରିବା ପାଇଁ ପ୍ରେରଣା ଦେଉଛି। ମୋ କ୍ରୀଡ଼ା ଯାତ୍ରାରେ, ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଯୋଗ ଦେବା ମୋ ଜୀବନର ସର୍ବଶ୍ରେଷ୍ଠ ନିଷ୍ପତ୍ତି ମଧ୍ୟରୁ ଅନ୍ୟତମ, ଯାହା ମୋତେ ଅନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶନ ପାଇଁ ଆବଶ୍ୟକ ସୁଯୋଗ, ମାର୍ଗଦର୍ଶନ ଓ ସହାୟତା ପ୍ରଦାନ କରିଛି। ଏଚପିସିରେ ମୋର କୋଚ୍ ଓ ସିନିୟରମାନଙ୍କୁ ମୁଁ ଗଭୀର କୃତଜ୍ଞତା ଜଣାଉଛି ଏବଂ ଆଗାମୀ ସମସ୍ତ ପ୍ରତିଯୋଗିତାରେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଆଶା ରଖିଛି।"

ପ୍ରୀତିଙ୍କ ଏହି ସଫଳତା ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର ପ୍ରୟାସ 'ଉଡ଼ାନ୍'ର ଏକ ଗୌରବମୟ ପ୍ରତିଫଳନ, ଯାହା କ୍ରୀଡ଼ାକୁ ଗୁରୁତ୍ୱ ଦେବା ସହିତ ଗୋଷ୍ଠୀ ବିକାଶକୁ କେନ୍ଦ୍ରବିନ୍ଦୁରେ ରଖିଛି।

# ଆଜିଠୁ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍

**ବର୍ମିଂହାମ୍**



ଗୁରୁବାର ମଧ୍ୟ ରାତ୍ରର ପୁରୁଷ ଫିଫା ବିଶ୍ୱକପ୍ ଆରମ୍ଭ ହୋଇଥିଲା ବେଳେ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣ ଶୁକ୍ରବାରଠୁ ଇଂଲଣ୍ଡର ୭ଟି ଭେନ୍ୟୁରେ ଖେଳାଯିବ। ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୨ ଦଳ ଅଂଶଗ୍ରହଣ କରୁଥିଲା ବେଳେ ମୋଟ ୩୩ ମ୍ୟାଚ୍ ଖେଳାଯିବ। ୧୨ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି।

ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ନିଜ ନିଜ ଗ୍ରୁପ୍‌ରେ ପ୍ରତି ଦଳ ସହ ରାଉଣ୍ଡ ରବିନ୍ ଫର୍ମାଟ୍‌ରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ୍ ପହଞ୍ଚିବେ। ୨୦୦୯ରେ ଉଦ୍‌ଘାଟନୀ ସଂସ୍କରଣ ପରେ ଇଂଲଣ୍ଡ ଦ୍ୱିତୀୟ ଥର ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ପାଇଛି। ଏହି ପ୍ରତିଯୋଗିତାରେ ନେଦରଲାଣ୍ଡ୍‌ସ ପ୍ରଥମ ଥର ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୟୁଏଇରେ ଆୟୋଜିତ ୨୦୨୪ ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇ ନ୍ୟୁଜିଲାଣ୍ଡ ପ୍ରଥମ ଥର ଟ୍ରଫି ଜିତିବାର ସୌଭାଗ୍ୟ ପାଇଥିଲା। ଅଷ୍ଟ୍ରେଲିଆ ସର୍ବାଧିକ ୬ ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିଥିଲା ବେଳେ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ଥରେ ଲେଖାଏଁ ଟ୍ରଫି ତୋଳି ଧରିଛନ୍ତି। ଭାରତ କେବଳ ଥରେ (୨୦୨୦)ରେ ଫାଇନାଲ୍ ଖେଳିଥିଲା ବେଳେ ଅଷ୍ଟ୍ରେଲିଆଠୁ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲା। ଏବେ ଭାରତ ଦିନିକିଆ ବିଶ୍ୱକପ୍ ବିଜେତା ଥିବାରୁ ପ୍ରମୁଖ ଦାବିଦାର ତାଲିକାରେ ବିଜେତା ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଆୟୋଜକ ଇଂଲଣ୍ଡ ସହ ରହିଛି।

ଗ୍ରୁପ୍-ଏ'ରେ ଭାରତ ତା'ର ପ୍ରଥମ ମ୍ୟାଚ୍ ରବିବାର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ବର୍ମିଂହାମରେ ଖେଳି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହାପରେ ୧୭ରେ ନେଦରଲାଣ୍ଡ୍‌ସ (ଲିଡ୍ସ), ୨୧ରେ ଦକ୍ଷିଣ ଆଫ୍ରିକା (ମାଞ୍ଚେଷ୍ଟର, ୨୫ରେ ବାଂଲାଦେଶ (ମାଞ୍ଚେଷ୍ଟର) ଓ ୨୮ରେ ଅଷ୍ଟ୍ରେଲିଆ (ଲର୍ଡ୍ସ) ବିପକ୍ଷରେ ଖେଳି ଗ୍ରୁପ୍ ପର୍ଯ୍ୟାୟ ଶେଷ କରିବ। ଦ ଓଭାଲ୍‌ରେ ଜୁନ୍ ୩୦ ଓ ଜୁଲାଇ ୨ ତାରିଖରେ ଦୁଇଟି ଯାକ ସେମିଫାଇନାଲ୍ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ୫ ତାରିଖରେ ଐତିହାସିକ ଲର୍ଡ୍ସରେ ଆୟୋଜିତ ହେବ। ଶୁକ୍ରବାର ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ବର୍ମିଂହାମରେ ଖେଳାଯିବ।

# ଏସଆଇଆର ୩କୋଟି ୨୩ ଲକ୍ଷ ୫୦ହଜାର ୬୭୦ ଭୋଟରଙ୍କୁ ଫର୍ମ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ ୧୩ତମ ଦିନରେ ବଡ଼ ସଫଳତା ହାସଲ କରିଛି। ରାଜ୍ୟରେ ଏପର୍ଯ୍ୟନ୍ତ ୯୮.୮୬ ପ୍ରତିଶତ ଭୋଟରଙ୍କ ନିକଟରେ ଗଣନା ଫର୍ମ ପହଞ୍ଚାଇବାରେ ବୁଥ୍ ସ୍ତରୀୟ ଅଧିକାରୀମାନେ ସଫଳ ହୋଇଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ମୋଟ ୩ କୋଟି ୨୩ ଲକ୍ଷ ୫୦ହଜାର ୬୭୦ଜଣ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି, ତନ୍ମଧ୍ୟରୁ ୫୧ଲକ୍ଷ ୩୧ ହଜାର ୫୧ ଜଣ ଭୋଟରଙ୍କର ଡିଜିଟାଇଜ୍ କରାଯାଇଛି, ଯାହା ସମଗ୍ର ପ୍ରକ୍ରିୟାର ଦ୍ରୁତ ଅଗ୍ରଗତିକୁ ସୂଚିତ କରୁଛି। ଏହି ସଂଶୋଧନ ପ୍ରକ୍ରିୟାରେ ଫର୍ମ ବଣ୍ଟନ ଓ ଦାଖଲର ଶେଷ ତାରିଖ ଜୁନ୍ ୨୮ ରହିଛି। ତେଣୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ଫର୍ମ ଦାଖଲ କରିନାହାନ୍ତି, ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ଥାନୀୟ ବିଏଲଓଙ୍କ ନିକଟରେ ଫର୍ମ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନ ସରକାରୀ ୱେବସାଇଟ୍‌ରୁ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ମଧ୍ୟ ଅପଲୋଡ୍ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ଦାଖଲ ନ କଲେ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବାର ସମ୍ଭାବନା ଥିବାରୁ ଏହାକୁ ଗୁରୁତ୍ୱର ସହ ନେବାକୁ ଭୋଟରମାନଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ କୌଣସି ଭୋଟରଙ୍କର ଫର୍ମ ବଣ୍ଟନ, ଦାଖଲ କିମ୍ବା ଅନ୍ୟ କୌଣସି ସମସ୍ୟା ଥିଲେ, ସେମାନେ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୫୦ରେ ଯୋଗାଯୋଗ କରି ସହାୟତା ପାଇପାରିବେ।

# ଶ୍ରୀଲଙ୍କା ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା : ରାହୁଲ ଦ୍ରାବିଡ଼ଙ୍କ ପୁଅକୁ ମିଳିଲା ସୁଯୋଗ

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ୍ ବୋର୍ଡର ଜୁନିୟର କ୍ରିକେଟ୍ କମିଟି ଗୁରୁବାର (୧୧ ଜୁନ୍) ଦିନ ଶ୍ରୀଲଙ୍କା ବିପକ୍ଷରେ ହେବାକୁ ଥିବା ଦିନିକିଆ ଏବଂ ମଲ୍ଟି-ଡେ ମ୍ୟାଚ୍ ପାଇଁ ଭାରତର ଅଣ୍ଡର-୧୯ ଦଳ ଘୋଷଣା କରିଛି। ଉଭୟ ସିରିଜ୍ ପାଇଁ ଅଲଗା ଅଲଗା ୧୫ ଜଣିଆ ଦଳ ଜାରି କରାଯାଇଛି। ପ୍ରଥମେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହାପରେ ୨ ମ୍ୟାଚ୍ ବିଶିଷ୍ଟ ମଲ୍ଟି-ଡେ ସିରିଜ୍ ହେବ। ଦିନିକିଆ ସିରିଜ୍ ଦଳରେ ପୂର୍ବତନ ଭାରତୀୟ ଖେଳାଳି ତଥା ପୂର୍ବତନ ଭାରତୀୟ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ଙ୍କ ସାନ ପୁଅ ଅନ୍ୱୟ ଦ୍ରାବିଡ଼ଙ୍କୁ ମଧ୍ୟ ଚୟନ କରାଯାଇଛି।

ଏହି ସିରିଜ୍ ଆସନ୍ତା ୪ ଜୁଲାଇରୁ ପ୍ରଥମ ଦିନିକିଆ ସହିତ ଆରମ୍ଭ ହେବ। ସେହିପରି ଶେଷ ଦିନିକିଆ ମ୍ୟାଚ୍ ୯ ଜୁଲାଇରେ ଖେଳାଯିବ। ଏହାପରେ ୧୩ ଜୁଲାଇରୁ ମଲ୍ଟି-ଡେ ସିରିଜ୍ ଆରମ୍ଭ ହେବ। ଦ୍ୱିତୀୟ ମଲ୍ଟି-ଡେ ମ୍ୟାଚ୍ ୨୦ ଜୁଲାଇରୁ ଆରମ୍ଭ ହେବ। ଦିନିକିଆ ସିରିଜ୍‌ର ସମସ୍ତ ମ୍ୟାଚ୍ ହମ୍ବନଟୋଟାଠାରେ ଖେଳାଯିବ। ଅପରପକ୍ଷରେ ମଲ୍ଟି-ଡେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଗାଲେ ଓ ଦ୍ୱିତୀୟ ମ୍ୟାଚ୍ କଲୋମ୍ବୋଠାରେ ଅନୁଷ୍ଠିତ ହେବ।

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଭେଟେରାନ୍ ବ୍ୟାଟ୍ସମ୍ୟାନ୍ ରାହୁଲ ଦ୍ରାବିଡଙ୍କ ପୁଅ ଅନ୍ୱୟ ଦ୍ରାବିଡ଼ଙ୍କୁ ବିସିସିଆଇ (ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଏବଂ ମଲ୍ଟି-ଡେ ସିରିଜ୍ ପାଇଁ ଦଳରେ ସ୍ଥାନ ଦେଇଛି। ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ଅନ୍ୱୟ ଦ୍ରାବିଡ ଏହା ପୂର୍ବରୁ ଇଣ୍ଡିଆ ଅଣ୍ଡର-୧୯ 'ବି' ଦଳର ଅଂଶ ରହି ସାରିଛନ୍ତି। ୧୭ ବର୍ଷୀୟ ଅନ୍ୱୟଙ୍କ ପାଇଁ ଏହା ମଧ୍ୟ ଏକ ବଡ଼ ସଫଳତା ଏବଂ ସେ କ୍ରିକେଟରେ ନିଜ ବାପାଙ୍କ ପଥ ଅନୁସରଣ କରି ଆଉ ଏକ ପାଦ ଆଗକୁ ବଢ଼ିଛନ୍ତି।

ଉଭୟ ସିରିଜ୍ ପାଇଁ ଯଶବର୍ଦ୍ଧନ ସିଂହ ଚୌହାନଙ୍କୁ ଅଧିନାୟକ କରାଯାଇଛି। ଲକ୍ଷ୍ୟ ରାୟଚନ୍ଦାନୀଙ୍କୁ ଉପ-ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ରଜତ ବଘେଲ ଏବଂ ଅନ୍ୱୟ ଦ୍ରାବିଡଙ୍କୁ ଦିନିକିଆ ଦଳରେ ୱିକେଟକିପର ଭାବେ ଚୟନ କରାଯାଇଛି। ମାନବ କୃଷ୍ଣା ଏବଂ ଆର୍ଯ୍ୟନ ସନ୍ଦେଶ ସକପାଲଙ୍କୁ ମଲ୍ଟି-ଡେ ମ୍ୟାଚ୍ ପାଇଁ ୱିକେଟକିପର ଭାବେ ଚୟନ କରାଯାଇଛି।

ଦିନିକିଆ ସିରିଜ୍ ପାଇଁ ଭାରତର ଅଣ୍ଡର-୧୯ ଦଳ : ସାଗର ବିର୍କ, ଲକ୍ଷ୍ୟ ରାୟଚନ୍ଦାନୀ (ଉପ-ଅଧିନାୟକ), ଯଶବର୍ଦ୍ଧନ ସିଂହ ଚୌହାନ (ଅଧିନାୟକ), ବିନୀତ ବିକେ, ଅର୍ଜୁନ ରାଜପୁତ, କୁଶାଗ୍ର ଓଝା, ରଜତ ବଘେଲ (ୱିକେଟ୍ କିପର), ଅନ୍ୱୟ ଦ୍ରାବିଡ଼ (ୱିକେଟ୍ କିପର), ଅନମୋଲଜିତ ସିଂହ, ବୁଟକୁରୀ ଯଶବୀର ଗୌଡ଼, ରୋହିତ ଅନିଲ ଯାଦବ, ଶାଭିନ ବି, କାବ୍ୟା ପରେଶ ପଟେଲ, ମୋହିତ ଉଲଭା, ଇଶାନ ସୁଦ।

ମଲ୍ଟି-ଡେ ସିରିଜ୍ ପାଇଁ ଭାରତର ଅଣ୍ଡର-୧୯ ଦଳ : ସାଗର ବିର୍କ, ଲକ୍ଷ୍ୟ ରାୟଚନ୍ଦାନୀ (ଉପ-ଅଧିନାୟକ), ଯଶବର୍ଦ୍ଧନ ସିଂହ ଚୌହାନ (ଅଧିନାୟକ), ପଟେଲ କୁଶ, ମନଲ ଚୌହାନ, କୁଶାଗ୍ର ଓଝା, ମାନବ କୃଷ୍ଣା (ୱିକେଟ୍ କିପର), ଆର୍ଯ୍ୟନ ସନ୍ଦେଶ ସକପାଲ (ୱିକେଟ୍ କିପର), ହେମଚୁଦେଶନ ଜେ, ବିକେ କିଶୋର, ରୋହିତ ଅନିଲ ଯାଦବ, କାବ୍ୟା ପରେଶ ପଟେଲ, ପ୍ରିୟାଂଶୁ ସିଂହ, ପ୍ରଣବ ରାଘବେନ୍ଦ୍ର, ଚିଗୁରୁପତି ଭେଙ୍କଟ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହର୍ମୁଜରେ...

ମୃତ ନାବିକମାନଙ୍କୁ ଡେକ୍ କ୍ୟାଡେଟ୍ ଆଦିତ୍ୟ ଶର୍ମା (ହିମାଚଳ ପ୍ରଦେଶ), ଇଞ୍ଜିନ୍ ଫିଟର ଶିବାନନ୍ଦ ଚୌରାସିଆ (ଦେଓରିଆ, ଉତ୍ତର ପ୍ରଦେଶ) ଏବଂ ମୁଖ୍ୟ ଇଞ୍ଜିନିୟର ପାଟନାଲା ସୁରେଶ (ଆନ୍ଧ୍ର ପ୍ରଦେଶ) ଭାବରେ ଚିହ୍ନଟ କରାଯାଇଛି। ଭାରତ ସରକାର ଏହି ଘଟଣା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆମେରିକା ଦୂତାବାସର ଚାର୍ଜ ଡି'ଆଫେୟର୍ସ ଜେସନ ମିକ୍ସଙ୍କୁ ସମନ କରିଛି ଏବଂ ଆକ୍ରମଣ ପ୍ରତି ଗମ୍ଭୀର ଆପତ୍ତି ପଞ୍ଜିକରଣ କରିବା ପାଇଁ ଏକ ଆନୁଷ୍ଠାନିକ ଡେମାର୍ଚେ ଦାଖଲ କରିଛି।
ଭାରତ ସ୍ପଷ୍ଟ ଭାବରେ କହିଛି ଯେ ଅନ୍ତର୍ଜାତୀୟ ଜଳସୀମାରେ ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରିବା ଏବଂ ନାବିକଙ୍କ ଜୀବନକୁ ବିପଦରେ ପକାଇବା ଯେକୌଣସି ମୂଲ୍ୟରେ ଗ୍ରହଣୀୟ ନୁହେଁ। ଉଦ୍ଧାର ହୋଇଥିବା ନାବିକମାନଙ୍କୁ ତୁରନ୍ତ ସ୍ୱଦେଶ ଫେରାଇ ଆଣିବା ଏବଂ ମୃତକଙ୍କ ମୃତଦେହକୁ ସମ୍ମାନଜନକ ଭାବରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

### ଉପସ୍ଥାପନ କଲେ...

ମାଧ୍ୟମରେ ବିକଶିତ ଓଡ଼ିଶା ନିର୍ମାଣ କରିବାକୁ ପ୍ରତିବଦ୍ଧ। ପ୍ରକୃତରେ ଆମର ଦୃଷ୍ଟିକୋଣର ତିନୋଟି ସ୍ତମ୍ଭ ମଧ୍ୟରୁ ଗୋଟିଏ ହେଉଛି ସ୍ୱାସ୍ଥ୍ୟ, ପୁଷ୍ଟିସାର ଏବଂ ଶିକ୍ଷା ସମେତ ଅନ୍ତର୍ଭୁକ୍ତତା ଏବଂ ସମୃଦ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ 'ଆମ କୁନି ପିଲା', 'ଆମେ ପଢିବା ଆମ ଭାଷାରେ', 'ମୋ ବିକାଶ ପତ୍ର' ଭଳି କାର୍ଯ୍ୟକ୍ରମ ଶିଶୁ ବିକାଶକୁ ନୂଆ ଦିଗ ଦେଇଛି । ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ଶିଶୁ-ନିର୍ଦ୍ଦିଷ୍ଟ ଶିକ୍ଷା ପ୍ରଦାନ କରିବ । ରାଜ୍ୟରେ ୪୪,୮୭୫ଟି ଶିଶୁ ବାଟିକା ଶ୍ରେଣୀକକ୍ଷ ସ୍ଥାପନ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ନବମ ଓ ଦଶମ ଶ୍ରେଣୀର ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା' କାର୍ଯ୍ୟକାରୀ ହୋଇଥିବା ସେ ସୂଚନା ଦେଇଛନ୍ତି। ଶ୍ରମ ବଜାରର ବିକଶିତ ପ୍ରକୃତିକୁ ସ୍ୱୀକାର କରି, ରାଜ୍ୟ ଏକ ବ୍ୟାପକ ଏବଂ ବହୁସ୍ତରୀୟ ଦକ୍ଷତା ଇକୋସିଷ୍ଟମ ଗ୍ରହଣ କରିଛି। ଯାହା ସ୍ୱଳ୍ପକାଳୀନ ତାଲିମ, ଦୀର୍ଘକାଳୀନ ବୃତ୍ତିଗତ ଶିକ୍ଷା, ଉଚ୍ଚ ବୈଷୟିକ ଶିକ୍ଷା ଏବଂ ଉନ୍ନତ ଦକ୍ଷତା ବିଶେଷଜ୍ଞତାକୁ ବ୍ୟାପିଛି। ଦକ୍ଷତା ବିକାଶ କ୍ଷେତ୍ରରେ ୧୦ଟି ସରକାରୀ ଆଇଟିଆଇକୁ 'ଉତ୍କର୍ଷ ଆଇଟିଆଇ'ରେ ପରିଣତ କରାଯାଉଥିବା ବେଳେ ୨୫ଟି ଆଇଟିଆଇରେ ଉଦୀୟମାନ କ୍ଷେତ୍ର ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଏବଂ ୧୩ଟି ଆଇଟିଆଇରେ ଏଆଇ ଲ୍ୟାବ୍ ସ୍ଥାପନ କରାଯାଉଛି। ବିଶ୍ୱ କୌଶଳ କେନ୍ଦ୍ରର ସମ୍ବଲପୁର ଓ ବ୍ରହ୍ମପୁର କ୍ୟାମ୍ପସ ଖୋଲିବା ଯୋଜନା ମଧ୍ୟ ରହିଛି। ରାଜ୍ୟ ସରକାର ଭାରତ ସରକାରଙ୍କ ପିଏମ୍ ସେତୁ ଯୋଜନା କାର୍ଯ୍ୟକାରୀ କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି। ତୃଣମୂଳ ଭିତ୍ତିଭୂମି, ଗଣ ଅଂଶଗ୍ରହଣ ଏବଂ ପ୍ରତିଭା ବିକାଶ ଉପରେ କେନ୍ଦ୍ରିତ ଏକ ବ୍ୟାପକ ଏବଂ ଅନ୍ତର୍ଭୁକ୍ତ ଆଭିମୁଖ୍ୟ ମାଧ୍ୟମରେ ଓଡ଼ିଶା ଏକ ଅଗ୍ରଣୀ କ୍ରୀଡ଼ା ରାଜ୍ୟ ଭାବରେ ଉଭା ହୋଇଛି। କ୍ରୀଡ଼ା କ୍ଷେତ୍ରରେ ୩୧୪ଟି ବ୍ଲକ୍ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ, 'ଫିଟ୍ ଓଡ଼ିଶା ମିଶନ' ଏବଂ 'ମୁଖ୍ୟମନ୍ତ୍ରୀ ଟ୍ରଫି' ମାଧ୍ୟମରେ ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ପ୍ରୋତ୍ସାହନ ଦିଆଯାଉଛି। କୃଷି କ୍ଷେତ୍ରରେ ଏଗ୍ରିଷ୍ଟାକ୍ ପ୍ଲାଟଫର୍ମ ମାଧ୍ୟମରେ ୩ କୋଟିରୁ ଅଧିକ ଜମିଖଣ୍ଡର ଡିଜିଟାଲ୍ ସର୍ଭେ ସମ୍ପୂର୍ଣ୍ଣ ହୋଇଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ଟେଲି-କନସଲଟେସନ୍ ସେବା ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛି। ଓଡ଼ିଶା ଏଆଇ ଓ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର ମାଧ୍ୟମରେ ଶାସନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଓ ଜନମୁଖୀ କରିବାକୁ ପଦକ୍ଷେପ ନେଉଥିବା ବେଳେ 'ଆମ ସାଥୀ' ଭଳି ପ୍ଲାଟଫର୍ମ ମାଧ୍ୟମରେ ନାଗରିକ ସେବାକୁ ସହଜ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ 'ବିକଶିତ ଭାରତ' ସ୍ୱପ୍ନ ସାକାର ହେବା ସହ ଓଡ଼ିଶା ଦେଶର ବିକାଶର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ଉଭା ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ତଦନ୍ତ ପାଇଁ ...

ହେବା ମାତ୍ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନାଁରେ ତୁରନ୍ତ ମାମଲା ଦାଏର କରିଥାନ୍ତୁ। କିନ୍ତୁ ଆମେ ପ୍ରଥମେ ପ୍ରଶାସନିକ ସ୍ତରରେ ବହୁ ପ୍ରୟାସ କଲୁ। କମିଶନ ତଦନ୍ତ ରିପୋର୍ଟ ଖୋଜିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ନାଇଡୁ କମିଶନ ତଦନ୍ତ ରିପୋର୍ଟ ୧୯.୯.୨୦୧୬ ରେ ଓ ସମ୍ ହସ୍ପିଟାଲ ଆରଡିସି ରିପୋର୍ଟ ୨୩.୫.୨୦୧୮ ରେ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ଆଉ ଫେରି ନାହିଁ। ପୂର୍ବ ସରକାର ଏହାକୁ ଆନୁଷ୍ଠାନିକ ଭାବେ ହସ୍ତାନ୍ତର ମଧ୍ୟ କରିନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଗୃହ ସଚିବ ଏକାଧିକବାର ଚିଠି ଲେଖିବା ପରେ କେବଳ 'ଆମେ ଖୋଜୁଛୁ, ଦେଖୁଛୁ' ବୋଲି ଉତ୍ତର ଆସୁଥିଲା। ଦୀର୍ଘ ଦୁଇ ବର୍ଷ ଧରି ଅପେକ୍ଷା କରିବା ପରେ ବି ଫାଇଲ ନଫେରିବାରୁ ରାଜ୍ୟ ସରକାର ବାଧ୍ୟ ହୋଇ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଏହି ଫାଇଲ ମିଳିବା ମାତ୍ରେ ହିଁ ଏହାକୁ ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଜେପି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ରିପୋର୍ଟ ଗାଏବ ହେବା ଏକ ସୁଚିନ୍ତିତ ଓ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି।

### ଗୃହିଣୀମାନେ...

ଯଦି ଜଣେ ଗୃହିଣୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ବ୍ୟକ୍ତିଗତ ଭାବରେ ମୂଲ୍ୟାଙ୍କନ କରାଯାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାଙ୍କର ଅବଦାନ ଉଚ୍ଚମାନର ଏବଂ ଅମୂଲ୍ୟ। କେବଳ ଆର୍ଥିକ ଦୃଷ୍ଟିରୁ ତାଙ୍କ ଅବଦାନର ମୂଲ୍ୟାଙ୍କନ କରିବା ଅତ୍ୟନ୍ତ କଷ୍ଟକର। ୨୦ ବର୍ଷ ତଳେ ୨୦୦୬ ମସିହାରେ, ଉତ୍ତରାଖଣ୍ଡରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଗାଡ଼ିଟି ବୀମାକୃତ ନଥିଲା। ଫଳସ୍ୱରୂପ, ମାଲିକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେଇଥିଲେ। ମହିଳାଙ୍କ ସ୍ୱାମୀ ଏବଂ ନାବାଳକ ପୁଅର ମୃତ୍ୟୁ ପରେ, କ୍ଷତିପୂରଣ ୨.୫୦ ଲକ୍ଷ ଟଙ୍କା ସ୍ଥିର କରାଯାଇଥିଲା। ପରିବାର ଅଧିକ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ, କିନ୍ତୁ ୨୦୧୭ରେ ଏହାକୁ ଖାରଜ କରାଯାଇଥିଲା। ହାଇକୋର୍ଟ ରାୟ ଦେଇଥିଲେ ଯେ, ଜଣେ ଗୃହିଣୀଙ୍କ ପାଇଁ କ୍ଷତିପୂରଣ ଜୀବନକାଳ ଏବଂ ସର୍ବନିମ୍ନ ଆନୁମାନିକ ଆୟ ଉପରେ ଆଧାରିତ ହେବା ଉଚିତ୍। ଟ୍ରିବ୍ୟୁନାଲ୍ ମହିଳାଙ୍କ ଆନୁମାନିକ ଆୟ ଜଣେ ଦୈନିକ ମଜୁରିଆ ଶ୍ରମିକଙ୍କ ତୁଳନାରେ କମ୍ ବୋଲି ଆକଳନ କରିଥିଲେ। ହାଇକୋର୍ଟ ମଧ୍ୟ ଏହାକୁ ସମର୍ଥନ କରିଥିଲେ। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ, ଜଣେ ଗୃହିଣୀଙ୍କ ଆୟ ଜଣେ ଦୈନିକ ମଜୁରିଆଙ୍କ ଆୟଠାରୁ କମ୍ କିପରି ଆକଳନ କରାଯାଇପାରିବ। ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଏହି ଆକଳନକୁ ଗ୍ରହଣ କରାଯାଇପାରିବ ନାହିଁ। ଖଣ୍ଡପୀଠ ଘରୋଇ କାର୍ଯ୍ୟ ପାଇଁ ଆବଶ୍ୟକ ସମୟ ଏବଂ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶୁଣାଣି ସମୟରେ ଅନେକ ତଥ୍ୟଗତ ତ୍ରୁଟିକୁ ମଧ୍ୟ ସମାଲୋଚନା କରିଛନ୍ତି। ରିପୋର୍ଟରେ ଯାନର ପ୍ରକାରକୁ ଭୁଲ ଭାବରେ ତାଲିକାଭୁକ୍ତ କରାଯାଇଥିଲା, ମହିଳାଙ୍କ ବୟସ କମ୍ ଦର୍ଶାଯାଇଥିଲା ଏବଂ ତାଙ୍କ ନାବାଳକ ପୁଅକୁ ବୟସ୍କ ଭାବରେ ଭୁଲ୍ ଭାବରେ ଦର୍ଶାଯାଇଥିଲା। ଖଣ୍ଡପୀଠ କ୍ଷତିପୂରଣ ରାଶିକୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରି ମୃତ ମହିଳାଙ୍କ ପରିବାରକୁ ଛଅ ସପ୍ତାହ ମଧ୍ୟରେ ଏହା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଭାରତର ପ୍ରଥମ...

ସାମରିକ ବିମାନ ଉତ୍ପାଦନ ପ୍ରକଳ୍ପ। ୟୁରୋପୀୟ ଏରୋସ୍ପେସ୍ ପ୍ରମୁଖ ଏୟାରବସ୍ ଓ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ ଲିମିଟେଡ୍ (ଟିଏଏସ୍‌ଏଲ୍) ମଧ୍ୟରେ ସହଭାଗିତା ମାଧ୍ୟମରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି।

### ଚେତାବନୀ ଶୁଣାଇଲେ ...

କହିବା କଥା ଯେ ଅଲ ଅଜରାକ ଏୟାରବେସ୍‌କୁ ୧୨ଟି ବାଲାଷ୍ଟିକ ମିସାଇଲ ମାଡ଼ କରାଯାଇଛି। ଏଥିଯୋଗୁ ସେଠାରେ ରହିଥିବା ଏକାଧିକ ଆମେରିକୀୟ ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଛି। ଆଇଆରଜିସି ଗୁରୁବାର ଆହୁରି ଦାବି କରିଛି ଯେ କୁଏତ ଓ ବାହାରିନରେ ଥିବା ଆମେରିକୀୟ ବାୟୁସେନା ଘାଟିଗୁଡ଼ିକର ୧୮ଟି ସାମରିକ ଠିକଣାରେ ଆକ୍ରମଣ କରାଯାଇଛି। ଇରାନର ଆକ୍ରମଣ ଯୋଗୁ ବାହାରିନରେ ଯୁଦ୍ଧ ସାଇରନ ବଜାଇ ଲୋକଙ୍କୁ ସତର୍କ କରାଯାଇଛି।

### ଦେବାଶିଷ ସାମନ୍ତରାୟ...

ସୁଦୃଢ଼ କରିବା ଲାଗି ଦଳ ଯାହା ନିର୍ଦ୍ଦେଶ ଦେବ କରିବି। ଶାସକ ଦଳରେ ରହି ଆଶା କରୁଛି ଓଡିଶା ପାଇଁ ଅନେକ କାମ କରିବି। ରାଜ୍ୟସଭାକୁ ନିର୍ବାଚିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି ।
ରାଜ୍ୟସଭାକୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି।

### କେରଳମ୍‌ରେ ନିପା...

ଦୁଇ ବର୍ଷ ପୂର୍ବେ, ୨୦୨୪ରେ ଦୁଇଟି ମାମଲା ମିଳିଥିଲା। ଜଣେ ରୋଗୀ ପ୍ରାଣ ହରାଇଥିଲା। ଅଧିକାରୀଙ୍କ କହିବାନୁସାରେ, ରୋଗୀ ନିକଟରେ ଏକ ଗୋଦାମ ଭଡ଼ାରେ ନେଇ ନିଜେ ସଫା କରିଥିଲେ। ଏହି ସମୟରେ ସେ ସଂକ୍ରମଣରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ନିପା ଭୂତାଣୁ ମୁଖ୍ୟତଃ ଫଳଖିଆ ବାଦୁଡ଼ି ଦ୍ୱାରା ବ୍ୟାପିଥାଏ।

# ୪ ଦିନ ପରେ କୂଅରୁ ଉଦ୍ଧାର ହେଲେ ଯୁବକ : ହତ୍ୟା ଉଦ୍ୟମ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ସମଲାଇପଦର ନର୍ସରୀ ଅଞ୍ଚଳର ଏକ ନିଛାଟିଆ କୂଅରୁ ଜଣେ ବ୍ୟକ୍ତିଙ୍କୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ କହିବା ଅନୁସାରେ, ଗତ ରବିବାର ପୂର୍ବାହ୍ନ ପ୍ରାୟ ୩ଟା ସମୟରେ ପାଞ୍ଚଜଣ ବ୍ୟକ୍ତି ତାଙ୍କୁ ମାଡ଼ ମାରିଥିଲେ। ପରେ ସେ ମୃତ ବୋଲି ଭାବି ତାଙ୍କୁ ଉକ୍ତ କୂଅ ମଧ୍ୟରେ ପକାଇ ଦେଇ ଚାଲିଯାଇଥିବା ସେ ଅଭିଯୋଗ କରିଛନ୍ତି। କୂଅ ଭିତରେ ଚାରି ଦିନ ଧରି ଭୋକ ଓ ଉପବାସରେ ରହି ସେ ଜୀବନ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି।

ବୁଧବାର ଦିନ ସମଲାଇପଦର ଗ୍ରାମର ଜଣେ ବ୍ୟକ୍ତି ଜଙ୍ଗଲ ଅଞ୍ଚଳକୁ କାଠ ସଂଗ୍ରହ ପାଇଁ ଯାଇଥିବା ବେଳେ କୂଅ ଭିତରୁ ଜଣେ ଲୋକଙ୍କ ଚିତ୍କାର ଶୁଣିଥିଲେ। ସେ ତୁରନ୍ତ ଗ୍ରାମକୁ ଫେରି ଏହି ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇଥିଲେ। ଖବର ପାଇ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ଆସି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବହୁ ପ୍ରୟାସ ପରେ କୂଅ ଭିତରୁ ଉକ୍ତ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ଉଦ୍ଧାର ହୋଇଥିବା ବ୍ୟକ୍ତି ଜଣକ ପଦ୍ମପୁର ଅଞ୍ଚଳ ପୁରେନା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ତେବେ ତାଙ୍କର ପରିଚୟ ଓ ଘଟଣାର ସମ୍ପୂର୍ଣ୍ଣ ସତ୍ୟତା ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି।

# ଅଜଣା ଗାଡ଼ି ଧକ୍କାରେ ଚାଲିଗଲା ଜଣଙ୍କ ଜୀବନ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହର ମାଛ ବଜାର ବଙ୍ଗୋମୁଣ୍ଡା ଫାଟକ ନିକଟରେ ବାଇକ୍‌କୁ ଏକ ୪ ଚକିଆ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇ ଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ନୂଆପଡ଼ା ଜିଲ୍ଲା ବଡ଼ ମହେଶ୍ୱର ଗାଁର ନକୁଳ ବନଛୋର ଓ ଗୁରୁତର ବ୍ୟକ୍ତି ନୂତନ କହରିଆ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ସେହି ରାସ୍ତାରେ ଯାଉଥିବା ଆଉ ଏକ ଗାଡ଼ି ଦୁର୍ଘଟଣା ସ୍ଥଳରୁ ଗୁରୁତରଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତର ଖାନା ଆଣିଥିଲେ। ତେବେ ଘଟଣାସ୍ଥଳରେ ନକୁଳ ବନଛୋରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ କଣ୍ଟାବାଞ୍ଜି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଫେରାର ହୋଇଯାଇଥିବା ଅଜଣା ଗାଡ଼ିକୁ ଧରିବା ପାଇଁ ସନ୍ଧାନ ଜାରି ରହିଛି। ଦୁର୍ଘଟଣା ପରେ ପରିବାର ଲୋକେ ଓ ଗାଁ ଲୋକମାନେ କ୍ଷତିପୂରଣ ଦାବି ନେଇ କଣ୍ଟାବାଞ୍ଜି ଥାନା ସମ୍ମୁଖ ରାସ୍ତାରେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ମୃତ ନକୁଳ ଘରର ଏକମାତ୍ର ପୁଅ ହୋଇଥିବା ଯୋଗୁଁ ସେ ପରିବାର ଚଳାଉଥିଲେ।

# ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ହେଲେ ରାକେଶ କୁମାର ଯାଦବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ରାକେଶ କୁମାର ଯାଦବଙ୍କୁ ଏହାର ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବରେ ନିଯୁକ୍ତ କରିଛନ୍ତି । ଶ୍ରୀ ଯାଦବ ୨୦୦୦ ମସିହାରେ ପ୍ରୋବେସନାରୀ ଅଫିସର ଭାବେ ବ୍ୟାଙ୍କରେ ଯୋଗ ଦେଇଥିଲେ। ୨୬ ବର୍ଷର କ୍ୟାରିୟର ମଧ୍ୟରେ ଶ୍ରୀ ଯାଦବ ଭାରତୀୟ ଷ୍ଟେଟ ବ୍ୟାଙ୍କର ରିଟେଲ୍ ଅପରେସନ୍ସ, କର୍ପୋରେଟ୍ କ୍ରେଡିଟ୍, ଏମଏସଏମଇ, ମାନବ ସମ୍ବଳ ଏବଂ ଅନ୍ୟାନ୍ୟ ଏକାଧିକ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଏହି ପଦବୀରେ ଯୋଗଦେବା ପୂର୍ବରୁ ସେ ମହାରାଷ୍ଟ୍ର ମଣ୍ଡଳର (ଏନଡବ୍ଲୁ-III)ର ମହାପ୍ରବନ୍ଧକ ଭାବରେ କାର୍ଯ୍ୟ କରୁଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ, ଓଡ଼ିଶାର ସମସ୍ତ ୯୩୪ଟି ଶାଖା ଏବଂ ୧୧୧ଟି ଅନ୍ୟାନ୍ୟ କାର୍ଯ୍ୟାଳୟ ତାଙ୍କର ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ କାର୍ଯ୍ୟ କରିବେ।


**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

**ଆକାଶ ଶୋଭା ବିଲ୍ଡିଂ** 13001/859/2627

**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**

ପତ୍ର ସଂଖ୍ୟା ୧୧୮୬୭ / ଭୁ.ଉ.କ., ଭୁବନେଶ୍ୱର
LUH-121/2002
**ସୂଚନା**
ତା ୦୧.୦୬.୨୦୨୬ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଲୁମ୍ବିନୀ ବିହାର ସେଲ୍ଫ ଫାଇନାନ୍ସିଂ ଏଚ୍.ଆଇ.ଜି ଡୁପ୍ଲେକ୍ସ ହାଉସିଂ ସ୍କିମ୍, ମୌଜା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ- 137 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା **୪୦୭୬, ତା-୧୩.୦୨.୨୦୨୦**ରିଖ ଅନୁଯାୟୀ ଉତ୍ତରାଧିକାର ସୂତ୍ରେ (୧) ସୁଧାଂଶୁବାଳା ରାଉତ, (୨) ମନୋଜ କୁମାର ରାଉତ ଓ (୩) ପଙ୍କଜ କୁମାର ରାଉତଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରାଯାଇଅଛି।

ଇତି ମଧ୍ୟରେ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ ସୁଧାଂଶୁବାଳା ରାଉତ ଗତ ତା-୩୦.୦୮.୨୦୨୪ ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate Registration No.10248/2024 dt.31.08.2024)**

**Legal heir certificate Misc. Case.No. E-LHC/2024/215413 dt.13.11.2024** ଅନୁଯାୟୀ ଆବଣ୍ଟନଗ୍ରାହୀ ସ୍ୱର୍ଗତ ଦୁଃଶାସନ ରାଉତ ଓ ସ୍ୱୀ-ସ୍ୱର୍ଗତ ସୁଧାଂଶୁବାଳା ରାଉତଙ୍କ ଉତ୍ତରାଧିକାରୀ (୧) ମନୋଜ କୁମାର ରାଉତ (ପୁତ୍ର) ଓ (୨) ପଙ୍କଜ କୁମାର ରାଉତ (ପୁତ୍ର) ଅଟନ୍ତି।

ବର୍ତ୍ତମାନ ମନୋଜ କୁମାର ରାଉତ ଓ ପଙ୍କଜ କୁମାର ରାଉତ ତାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି/ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ମନୋଜ କୁମାର ରାଉତ ଓ ପଙ୍କଜ କୁମାର ରାଉତଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା/- ଆବଣ୍ଟନ ଅଧିକାରୀ-୧**
**OIPR-13001/13033/1/26-27/0056 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଭୁବନେଶ୍ୱର, ୧୨ ଜୁନ୍, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସହ ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ

**ପୁରୀ ୧୧।୬ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମାସିକ ସମୀକ୍ଷା ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟ ନେଇ ଆଲୋଚନା ହୋଇଛି। ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ବିଷୟରେ ସମୀକ୍ଷା ସହ ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ରଥକାଠ ସଂଗ୍ରହ ଓ ପରମ୍ପରା ପ୍ରକାରେ ରଥ ନିର୍ମାଣ ଆଗେଇ ଚାଲିଥିବାରୁ ମୁଖ୍ୟ ପ୍ରଶାସକ ସନ୍ତୋଷ ପ୍ରକାଶ କରିଥିଲେ। କରତ କଳରେ ପହଞ୍ଚିଥିବା ତାଳ କାଠ ଶୀଘ୍ର ଚିରଟ କରି ଅଧିକ ଏକ ସେଟ୍ ଚାର ମାଳ ଗଚ୍ଛିତ ରଖିବାକୁ ମୁଖ୍ୟ ପ୍ରଶାସକ ଆଦେଶ ଦେଇଥିଲେ।




ଶ୍ରୀମନ୍ଦିର ପରିସରରେ ନିର୍ମାଣାଧିନ କୋଇଲି ବୈକୁଣ୍ଠ ଫୁଲ ଗୁନ୍ଥା ଗୃହ ଶୀଘ୍ର ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହାପ୍ରଭୁଙ୍କ ବିଭିନ୍ନ ସ୍ଥାନରେ ଥିବା ଜମିର ସୁରକ୍ଷା ପାଇଁ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ।

ସେହିପରି ଭୁବନେଶ୍ୱର କୋରଡ଼ କଣ୍ଟାରେ ମହାପ୍ରଭୁଙ୍କ ମୂଲ୍ୟବାନ ଜମି ଜବରଦଖଲ ମୁକ୍ତ କରାଯାଇଥିବାରୁ ସନ୍ତୋଷ ବ୍ୟକ୍ତ କରି ଅନ୍ୟାନ୍ୟ ଜବରଦଖଲରେ ଥିବା ଜମିକୁ ତୁରନ୍ତ ପ୍ରଶାସନ ଅଧୀନକୁ ଆଣିବାକୁ ଅନୁରୂପ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହ ଶ୍ରୀମନ୍ଦିର ସମ୍ବନ୍ଧୀୟ ବିଭିନ୍ନ କୋର୍ଟରେ ଥିବା ମାମଲା ଗୁଡ଼ିକର ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ।

ଗତ ବୁଧବାର ଅପରାହ୍ନରେ ମୁଖ୍ୟ ପ୍ରଶାସକ ଅଧିକାରୀମାନଙ୍କ ଗହଣରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ହରଚଣ୍ଡୀ ସାହି ସ୍ଥିତ ସେବାୟତଙ୍କ ବାସଗୃହ ପାଇଁ ନିରୂପିତ ସ୍ଥାନ ପରିଦର୍ଶନ କରିଥିଲେ। ଆଗାମୀ ରଥଯାତ୍ରା ନିକଟତର ହୋଇଆସୁଥିବାରୁ ଗୁଣ୍ଡିଚା ମନ୍ଦିରର ସମସ୍ତ ନିର୍ମାଣାଧିନ କାର୍ଯ୍ୟ ଜୁନ୍ ୨୦ ତାରିଖ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ।

# ରଥଖଳା ହାଲଚାଲ : ରଥରେ ଖଞ୍ଜା ହେଲା ୨ୟ ଭୂଇଁ କାଠ

**ପୁରୀ, ୧୧/୦୬ ନ୍ୟୁଜ ବ୍ୟୁରୋ**

ତିନି ରଥରେ ଖଦିଓରା ପଡ଼ି ଚଉଦନାହାକା ବୁଲିଲା । ପ୍ରଥମେ ତିନି ରଥର ଦଣ୍ଡା ଉପରେ ଖଦିଓରା (ନଡ଼ିଆ କାଠର ଗଡ଼) ଖଞ୍ଜାଗଲା । ଖଦିଓରା ବିନ୍ଧରେ ରହିଲା ଚଉଦନାହାକା । ଚାରିନାହାକାର ଚତୁଃପାର୍ଶ୍ୱରେ ଚଉଦନାହାକା ରଖାଗଲା । ପରେ ରଥରେ ଟୁଙ୍ଗୁରା ହେଲା ପ୍ରଥମ ଓ ଦ୍ୱିତୀୟ ଭୂଇଁ । ମୁଖ୍ୟ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶକ୍ରମେ ଭୋଇସେବକମାନେ ରଥରେ କାଠ ସବୁ ଖଞ୍ଜିଥିଲେ । ଚାରିନାହାକା ଓ ଛଅ କାଠକୁ ଦୃଷ୍ଟି ଦେଇ ଚଉଦନାହାକା ବୁଲିଥିଲା । ଚଉଦନାହାକାର ସାଲକୁ ଖଦିଓରାର ବିନ୍ଧରେ ଭୁଞ୍ଜାଗଲା। ଗୋଟିଏ ଖଦିଓରାରେ ଦୁଇଟି ବିନ୍ଧ ହୋଇଥିଲା। ୧୪ ନାହାକାରୁ ୧୦ଟି ଖଦିଓରା ଉପରେ ରହିଲା। ବାକି ୪ଟିର ନାମ ହେଉଛି ଚଢ଼େଇ । ଏହାପରେ ସାଇତା ହୋଇଥିବା ଭୂଇଁ କାଠ ସବୁ ରଥରେ ଖଞ୍ଜା ହେଲା। ତିନି ରଥର କାମରେ ଥିଲା ସମନ୍ୱୟ।



ପ୍ରଥମ ଭୂଇଁ ଛଅ କାଠ ଚାରି ପାର୍ଶ୍ୱରେ ୨୪ଟି ପାଖୁଡ଼ା ଏବଂ ୧୬ଟି ଛିଆଣ ଲାଗିଲା। ଏହି ପାଖୁଡ଼ାଗୁଡ଼ିକୁ ଧରି ରଖିବା ପାଇଁ ଭୂଇଁ ଖମ୍ବୀ ସଂଯୋଗ ହୋଇଛି । ୨ୟ ଭୂଇଁ ଫ୍ରେମ୍ ପଡ଼ି ଖୋଲାଯିବାରେ ରଥରେ ପ୍ରଥମ ଭୂଇଁ ଭଳି ୨ୟ ଭୂଇଁ ଉଠିଥିଲା । ତୃତୀୟ ଭୂଇଁ ପାଇଁ ଖମ୍ବୀ ମଧ୍ୟ ଲାଗିଯାଇଛି । ପ୍ରଥମ ଭୂଇଁ ଠାରୁ ୨ୟ ସାମାନ୍ୟ ଛୋଟ। ତୃତୀୟ ଭୂଇଁ ଫ୍ରେମ୍ ରଥ ଖଳାରେ ପ୍ରସ୍ତୁତ । ଗୁରୁବାର ତୃତୀୟ ଭୂଇଁ ଟୁଙ୍ଗୁରା ପାଇଁ ଯୋଜନା ଚାଲିଥିବା କହିଛନ୍ତି ନିର୍ମାଣକାରୀ। ରୁପକାର, କରତି ଓ ଓଝା ସେବକଙ୍କ ରଥ କାର୍ଯ୍ୟ ଜାରି ରହିଛି। ତୃତୀୟ ଭୂଇଁ ଫ୍ରେମ କାର୍ଯ୍ୟ ମହାରଣାମାନେ ଶେଷ କରିଛନ୍ତି। ତିନି ରଥର ମହାରଣା ଓ ଭୋଇ ସେବକଙ୍କ ସହଯୋଗରେ ତିନି ରଥର ତୃତୀୟ ଭୂଇଁ ବା ଅଗ ଭୂଇଁ ଫ୍ରେମ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ମହାରଣାମାନେ ତୃତୀୟ ଭୂଇଁର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ଖୁବ୍‌ଶୀଘ୍ର ଚିତ୍ରକରମାନେ ରଥ ନିର୍ମାଣ କାର୍ଯ୍ୟରେ ଯୋଗଦେବେ। ଆଗକୁ ଆରମ୍ଭ ହେବ ଚିତ୍ର ସେବା, ରଥଖଳାକୁ ଆସୁଛନ୍ତି ପାର୍ଶ୍ୱ ଦେବାଦେବୀ।

# ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା : ଆଗୁଆ ଜାମିନ୍ ଆବେଦନ କଲେ ଓଏଏସ୍ ପ୍ରେମିକ

**ଭୁବନେଶ୍ୱର ୧୧/୦୬ ନ୍ୟୁଜ ବ୍ୟୁରୋ**

କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍‌ଙ୍କ ମୃତଦେହ ମିଳିବା ଘଟଣା। ହାଇକୋର୍ଟରେ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଭୀମସେନ ଟୁଡୁ। ଆଗୁଆ ଜାମିନ୍ ଆବେଦନ କଲେ ଭୀମସେନ୍ ଟୁଡୁ। ଗତ ୪ ତାରିଖରେ ଚନ୍ଦ୍ରିକାଙ୍କ ମୃତ୍ୟୁ ପରେ ଫେରାର ଥିଲେ ଓଏଏସ୍ ପ୍ରେମିକ। ସୂଚନା ଯୋଗ୍ୟ ଯେ, ଚନ୍ଦ୍ରିକାଙ୍କ ମା’ ହୀରାମଣି ହାଂସଦାଙ୍କ ଏତଲା ପରେ ବାରଙ୍ଗ ଥାନା ପୁଲିସ ବିଏନ୍‌ଏସ୍ ଧାରା ୧୦୮ରେ ମାମଲା ରୁଜୁ କରିଛି । ଏହା ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଶ୍ରେଣୀର ଓ ଏଥିରେ ୧୦ ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ଓ ଜରିମାନାର ବ୍ୟବସ୍ଥା ରହିଛି । ବିନା ୱାରେଣ୍ଟ୍‌ରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରେ ବୋଲି ଗଣାମାଧ୍ୟମରେ ସୂଚନା ପାଇଥିଲେ ପୁରୁଷ ବନ୍ଧୁ। ଗିରଫ ଭୟରେ ଓଏଏସ୍ ପ୍ରେମିକ ହାଇକୋର୍ଟରେ ଜାମିନ୍ ଆବେଦନ କରିଛନ୍ତି। ଗତ ୪ତାରିଖ ସକାଳେ ନେତାଜୀ ସୁଭାଷ ସେତୁ ତଳୁ ବାରଙ୍ଗ ଥାନା ପୁଲିସ ଚନ୍ଦ୍ରିକାଙ୍କ ମୃତଦେହ ଜବତ କରିଥିଲା। ଚନ୍ଦ୍ରିକାଙ୍କ ଘର ମୟୂରଭଞ୍ଜ ଓ ସେ ବାଲେଶ୍ୱର ମେଡ଼ିକାଲ୍ କଲେଜରେ ଏମ୍‌ବିବିଏସ୍ ପଢୁଥିଲେ। ମୃତଦେହ ମିଳିବା ପରେ ପରିବାର ଏହି ମୃତ୍ୟୁ ପାଇଁ ଚନ୍ଦ୍ରିକାଙ୍କ ପ୍ରେମିକ ଓ ପ୍ରେମିକଙ୍କ ଝିଅ ସାଙ୍ଗକୁ ଦାୟୀ କରି ବାରଙ୍ଗ ଥାନାରେ ଏତଲା ଦେଇଥିଲେ। ସେହିପରି ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଚାର୍ଜଫ୍ରେମ୍ ହୋଇପାରୁନି । ଅଭିଯୁକ୍ତଙ୍କ ପକ୍ଷରୁ ହୋଇଥିବା ଡିସ୍‌ଚାର୍ଜ ପିଟିସନ୍ ଶୁଣାଣି ସରି ନ ଥିବାରୁ ଚାର୍ଜଫ୍ରେମ୍ ହୋଇପାରୁ ନାହିଁ।



ବ୍ରହ୍ମପୁର ଏଡିଜେ-୩ ବିବସ୍ୱତ ଗୌତମଙ୍କ କୋର୍ଟରେ ଏହି ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଡିସ୍‌ଚାର୍ଜ ପିଟିସନ୍‌ର ଶୁଣାଣି ସରିଛି । ଅନ୍ୟ ଅଭିଯୁକ୍ତ ତଥା ରାଜେନ୍ଦ୍ର ସାହୁ, ଶିଶୁପାଳ ପାଶୱାନ ଓ କୁନ୍ଦନ କୁମାରଙ୍କ ଡିସ୍‌ଚାର୍ଜ ପିଟିସନ୍‌ରେ ଶୁଣାଣି କରିବାକୁ କୋର୍ଟ ଧାର୍ଯ୍ୟ କରିଥିବା ସୂଚନା ଦେଇଛନ୍ତି ଆଇନଜୀବୀ ଚକ୍ରପାଣି ନାହାକ। ସେପଟେ ହାଇକୋର୍ଟରେ ଏପ୍ରିଲ୍ ୧୭ରେ ବିକ୍ରମ ପଣ୍ଡାଙ୍କ ଜାମିନ୍ ଶୁଣାଣି ଶେଷ ହୋଇଥିବାବେଳେ ରାୟ ସଂରକ୍ଷିତ ରହିଛି । ପୀତବାସ ପଣ୍ଡା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, କାଳୁ ଚରଣ ଭୂୟାଁ, ଯୋଗେନ୍ଦ୍ର ରାଉତ ଓ ମଦନ ଦଳେଇ ମଧ୍ୟ ଡିସଚାର୍ଜ ପିଟିସନ୍ ଦେଇଛନ୍ତି । ସେପଟେ ପୂର୍ବତନ ମେୟର ଶିବ ଶଙ୍କର ଦାସ ପତ୍ନୀଙ୍କ ଅସୁସ୍ଥତା ଦର୍ଶାଇ ଅନ୍ତରୀଣ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିବାବେଳେ ତାହାର ଶୁଣାଣି ହୋଇଛି। କୋର୍ଟ ପୁଲିସକୁ ରିପୋର୍ଟ ମାଗିଛନ୍ତି । ପୀତବାସ ପଣ୍ଡା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଉମା ବିଷୋୟୀ, କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଅଭିଯୁକ୍ତ, ଏହି ମାମଲାରୁ ବାଦ୍ ଦେବାକୁ ଡିସଚାର୍ଜ ପିଟିସନ୍ ଦାଖଲ କରିଛନ୍ତି। ଗତ ବର୍ଷ ଅକ୍ଟୋବର ୬ ତାରିଖ ସନ୍ଧ୍ୟାରେ ପୀତବାସ ପଣ୍ଡାଙ୍କୁ ବୈକୁଣ୍ଠନଗର ଛକରେ ଗୁଳି କରି ହତ୍ୟା କରିଥିଲେ ଅଭିଯୁକ୍ତ । ପୀତବାସଙ୍କୁ ରାଜନୈତିକ ଏବଂ ବ୍ୟକ୍ତିଗତ ଶତ୍ରୁତାରୁ ହତ୍ୟା କରାଯାଇଥିବା ପୁଲିସ ଦର୍ଶାଇଥିଲା। ସେହି ମାମଲାରେ ପୁଲିସ ୧୬ ଜଣଙ୍କୁ ଗିରଫ କରିଛି ଏବଂ ଜଣେ ଅଭିଯୁକ୍ତ ରାଜେନ୍ଦ୍ର ସାହୁଙ୍କ ଜାମିନ୍ ହୋଇସାରିଛି।

# ମୀନାକ୍ଷୀ ନଟରାଜନଙ୍କ ପ୍ରାର୍ଥୀପତ୍ର ନାକଚ କରାଯିବା ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

**ନୂଆଦିଲ୍ଲୀ, ୧୧/୦୬**

ମଧ୍ୟପ୍ରଦେଶରୁ ରାଜ୍ୟସଭା ପ୍ରାର୍ଥୀ ମୀନାକ୍ଷୀ ନଟରାଜନଙ୍କ ପ୍ରାର୍ଥିପତ୍ର ନାକଚ କରାଯିବାକୁ ଚାଲେଞ୍ଜ କରି କଂଗ୍ରେସ ପାର୍ଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏହି ପ୍ରସଙ୍ଗରେ ଜରୁରୀ ଶୁଣାଣି ପାଇଁ କଂଗ୍ରେସ ଗୁରୁବାର ସକାଳେ ସର୍ବୋଚ୍ଚ କୋର୍ଟଙ୍କ ଛୁଟିଦିନ ଖଣ୍ଡପୀଠ ସମ୍ମୁଖରେ ଆବେଦନ କରିଥିବା ସୂଚନା ମିଳିଛି। ଭାରତୀୟ ଜନତା ପାର୍ଟି (ବିଜେପି) ଦ୍ୱାରା ଆପତ୍ତି ଉଠାଇବା ପରେ ରିଟର୍ଣ୍ଣିଂ ଅଫିସର ନଟରାଜନଙ୍କ ନାମାଙ୍କନ ପତ୍ର ନାକଚ କରି ଦେବାର କିଛି ଦିନ ପରେ ଏହି ଆଇନଗତ ଚ୍ୟାଲେଞ୍ଜ ଆସିଛି। ଶାସକ ଦଳ ଅଭିଯୋଗ କରିଥିଲା ଯେ, କଂଗ୍ରେସ ନେତା ତାଙ୍କ ନାମାଙ୍କନ ପତ୍ର ସହିତ ଦାଖଲ ହୋଇଥିବା ଶପଥପତ୍ରରେ ତେଲେଙ୍ଗାନାରେ ଆଇନଗତ ପ୍ରକ୍ରିୟାର ବିବରଣୀ ପ୍ରକାଶ କରିବାରେ ବିଫଳ ହୋଇଛନ୍ତି।



ଗତ ବୁଧବାର କଂଗ୍ରେସ ପାର୍ଟିର ବରିଷ୍ଠ ନେତାମାନେ ନିର୍ବାଚନ କମିଶନଙ୍କୁ ଭେଟି ମୀନାକ୍ଷୀ ନଟରାଜନଙ୍କ ପ୍ରାର୍ଥିପତ୍ର ଭୁଲ୍‌ରେ ପ୍ରତ୍ୟାଖ୍ୟାନ କରାଯାଇଥିବା ଦାବି କରିଥିଲେ। କେସି ବେଣୁଗୋପାଳ, ରଣଦୀପ ସୁର୍ଯେୱାଲା, ଜୟରାମ ରମେଶ, ଦୀପା ଦାସମୁନ୍‌ଶୀ, ବିବେକ ତନଖା, ଅଭିଷେକ ସିଙ୍ଘଭିଙ୍କ ପରି ଶୀର୍ଷ ଦଳୀୟ ନେତାମାନଙ୍କର ଏକ ପ୍ରତିନିଧି ଦଳ ଏବଂ ମୀନାକ୍ଷୀ ନଟରାଜନ କମିଶନ୍‌ଙ୍କୁ ସାକ୍ଷାତ କରିଥିଲେ ଏବଂ ପ୍ରାର୍ଥିପତ୍ରକୁ ପୂର୍ବବତ୍ କାଏମ ରଖିବାପାଇଁ ଦାବି କରିଥିଲେ। କଂଗ୍ରେସ ପ୍ରତିନିଧି ଦଳ ଦାବି କରିଥିଲା ଯେ ମୀନାକ୍ଷୀ ନଟରାଜନଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ନାହିଁ। ମୀନାକ୍ଷୀଙ୍କ ବିରୋଧରେ ଥିବା ଏକ ଅଭିଯୋଗକୁ ଏଯାବତ କୌଣସି କୋର୍ଟ ବିଚାରକୁ ନେଇନାହାନ୍ତି ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି। କଂଗ୍ରେସ ଦଳର ନ୍ୟାୟିକ ଶାଖା ନେତୃତ୍ୱ ନେଇଥିବା ଶ୍ରୀ ସିଂଘଭି କହିଛନ୍ତି, ନିର୍ବାଚନ ଅଧିକାରୀଙ୍କ ଏଭଳି କାର୍ଯ୍ୟ ପକ୍ଷପାତପୂର୍ଣ୍ଣ। ନଟରାଜନଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ନାହିଁ ବୋଲି ସେ ଏକ୍ସରେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ସେ କହିଛନ୍ତି ଏକ ବ୍ୟକ୍ତିଗତ ଅଭିଯୋଗରେ ଯେକୌଣସି ବ୍ୟକ୍ତି ଅନ୍ୟ ଜଣଙ୍କ ବିରୋଧରେ ମାମଲା ରୁଜୁ କରିପାରିବେ। କିନ୍ତୁ ବିଚାରପତି ଏହାକୁ ବିଚାରକୁ ନନେବା ପର୍ଯ୍ୟନ୍ତ ଏହା କୌଣସି ଅପରାଧିକ ମାମଲା ହୋଇନଥାଏ। ସର୍ବୋପରି ଏହି ମାମଲାରେ କୋର୍ଟ କେବଳ ଏକ ବ୍ୟକ୍ତିଗତ ଅଭିଯୋଗ ଆଧାରରେ ତାଙ୍କୁ ନୋଟିସ୍ କରିଛନ୍ତି। କୋର୍ଟ ଏହି ମାମଲାକୁ ଏଯାବତ ବିଚାରକୁ ନେଇନାହାନ୍ତି। ତେଣୁ ଏଠି ଅପରାଧିକ ମାମଲାର ପ୍ରଶ୍ନ ଉଠିଲା କେଉଁଠି ବୋଲି କଂଗ୍ରେସ ନେତାମାନେ କହିଥିଲେ।

# ଏସଆଇଆର କାର୍ଯ୍ୟ ବେଳେ ବିଏଲଓଙ୍କୁ ମାଡ ଅଭିଯୋଗ

**ଭୁବନେଶ୍ୱର,୧୧/୦୬ ନ୍ୟୁଜ ବ୍ୟୁରୋ**

ଏସଆଇଆର କାର୍ଯ୍ୟ କରୁଥିବା ବେଳେ ବିଏଲଓଙ୍କୁ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରର ୩୫ ନମ୍ବର ୱାର୍ଡ ୧୦୩ ନମ୍ବର ବୁଥ୍‌ରେ ଏସଆଇଆର କାର୍ଯ୍ୟ କରୁଥିବା ବେଳେ ବିଏଲଓ ଅଯୋଧା ନାରାୟଣ ମହାନ୍ତିଙ୍କୁ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ଆସିଛି । ଏହାସହ ବିଏଲଓଙ୍କ ଆଇଡି କାର୍ଡ ଓ ଏସଆଇଆର ଖାତା ଛଡ଼ାଇ ନେଇଥିବା ଜଣାପଡ଼ିଛି।

# ରଜ ପାଇଁ ସୋମବାର ଖୋଲାରହିବ ନନ୍ଦନକାନନ

**ଭୁବନେଶ୍ୱର, ୧୧/୦୬ ନ୍ୟୁଜ ବ୍ୟୁରୋ**

ପର୍ଯ୍ୟଟକଙ୍କ ପାଇଁ ଜରୁରୀ ସୂଚନା। ଆସନ୍ତା ସୋମବାର ଅର୍ଥାତ ୧୫ ତାରିଖ ନନ୍ଦନକାନନ ଖୋଲା ରହିବ ଓ ମଙ୍ଗଳବାର ୧୬ ତାରିଖ ବନ୍ଦ ରହିବ। ସୋମବାର ରଜ ସଂକ୍ରାନ୍ତି ପଡୁଥିବାରୁ ନନ୍ଦନକାନନର ଉଭୟ (ପ୍ରାଣୀ ଓ ଉଦ୍ଭିଦ) ଉଦ୍ୟାନ ଖୋଲା ରହିବ। ଏହାର ପରଦିନ ଅର୍ଥାତ ମଙ୍ଗଳବାର ୧୬ ତାରିଖ ନନ୍ଦନକାନନର ଉଭୟ ଉଦ୍ୟାନ ବନ୍ଦ ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ନନ୍ଦନକାନନର ନିୟମ ଅନୁଯାୟୀ, ନନ୍ଦନକାନନର ଉଭୟ ଉଦ୍ୟାନ ସପ୍ତାହରେ ଗୋଟିଏ ଦିନ ସୋମବାର ବନ୍ଦ ରୁହେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୧/୦୬/୨୦୨୬
୫,୬୯,୫୭୮/- ଟଙ୍କା
ସୁନା:- ୦୩ ଗ୍ରାମ୍ ୮୫୦ ମିଲିଗ୍ରାମ
ରୂପା:- ୧୨ଗ୍ରାମ୍ ୬୦୦ ମିଲିଗ୍ରାମ

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ରାଇରଙ୍ଗପୁରରେ ସ୍ଥିତି ଅନୁଧ୍ୟାନ କଲେ ଡିଜିପି

**ରାଇରଙ୍ଗପୁର(ମୟୂରଭଞ୍ଜ), ୧୧/୦୬ ନ୍ୟୁଜ ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୁନ ୧୯ ଓ ୨୦ ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ପ୍ରଶାସନିକ ଚଳଚଞ୍ଚଳତା ପ୍ରକାଶ ପାଇଥିବା ବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ରାଇରଙ୍ଗପୁରରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଗୁରୁବାର ରାଇରଙ୍ଗପୁର ଗସ୍ତରେ ଆସି କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଧାରିତ ସମସ୍ତ ସ୍ଥାନ ଗୁଡ଼ିକୁ ଯାଇ ନିଜେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆଙ୍କ ସମେତ ସାଂସଦ ନବ ଚରଣ ମାଝି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା, ଏସଡିପିଓ ବୀରେନ୍ଦ୍ର କୁମାର ସେନାପତି ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଷ୍ଟ୍ରପତି ଜୁନ ୧୯ ତାରିଖ ଓ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଇରଙ୍ଗପୁର ଗସ୍ତରେ ଆସି ରାଇରଙ୍ଗପୁରରେ ପହଞ୍ଚିବେ । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଷ୍ଟ୍ରପତିଙ୍କ ବାଦାମପାହାଡ଼ ନିକଟସ୍ଥ ଉପରବେଡ଼ା, ପାହାଡ଼ପୁର ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ସେଠାରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇ ପୁଅଙ୍କ ସ୍ମୃତିରେ ନିର୍ମିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯିବେ। ଏହାସହିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ। ଏହି ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀମାନଙ୍କ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭାବ ବିନିମୟ କରିବା ସୂଚନା ମିଳିଛି । ରାଷ୍ଟ୍ରପତିଙ୍କ ଗ୍ରାମ ପରିଦର୍ଶନ କରିବା ପରେ ରାଇରଙ୍ଗପୁରରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି । ଯାହାକୁ ନେଇ ଶ୍ରୀ ଖୁରାନିଆ ଉପରବେଡ଼ା, ପାହାଡ଼ପୁର ଗ୍ରାମ ସମେତ ରାଇରଙ୍ଗପୁର ସ୍ଥିତ ଦାଣ୍ଡବୋଷ ଏୟାରଷ୍ଟ୍ରିପ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ରାଇରଙ୍ଗପୁର ଗସ୍ତରେ ଆସିବେ। ଯାହାକୁ ନେଇ ୧୨ଟି ହେଲିକାପ୍ଟର ଆସିବ । ତେଣୁ ହ୍ୟାଲିପ୍ୟାଡ୍ ନିର୍ମାଣକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ସଭାସ୍ଥଳ, ହେଲିପ୍ୟାଡ୍, ପାର୍କିଂ, ଟ୍ରାଫିକ ବ୍ୟବସ୍ଥା, ଗସ୍ତ ମାର୍ଗ, ଭିଡ଼ ନିୟନ୍ତ୍ରଣ, ସିସିଟିଭି ଆଦି ତଦାରଖ କରିଛନ୍ତି ଡିଜି । ଗସ୍ତକୁ ଦୃଷ୍ଟିରେ ରଖି ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି ଏବଂ ସନ୍ଦେହସ୍ୱଦ ବ୍ୟକ୍ତି ଓ ଯାନବାହନ ଉପରେ କଡ଼ା ନଜର ରଖାଯାଉଛି। ଏହି ଗସ୍ତକୁ ନେଇ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ବାବଦରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସମୀକ୍ଷା କରିଛନ୍ତି । ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ କୌଣସି ଅବହେଳା ସହ୍ୟ ହେବ ନାହିଁ ବୋଲି ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାରେ ପୋଲିସ ଫୋର୍ସ ମୁତୟନ ନେଇ ଅନୁଧ୍ୟାନ କରିଛନ୍ତି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ଜୋରଦାର ପ୍ରସ୍ତୁତି ଜାରି ରହିଛି। କାର୍ଯ୍ୟ ତଦାରଖ କରି ଆବଶ୍ୟକ ବ୍ୟବସ୍ଥା ସମ୍ପାଦନା କରିବାକୁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି।



# ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଏବଂ ଚିଙ୍ଗୁଡ଼ି ରପ୍ତାନୀର ହବ୍ ହେବ ଓଡ଼ିଶା

**ଭୁବନେଶ୍ୱର,୧୧/୦୬ ନ୍ୟୁଜ ବ୍ୟୁରୋ**

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ‘ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ମିଶନ’ ଏବଂ ‘ଓଡ଼ିଶା ଚିଙ୍ଗୁଡ଼ି ମିଶନ’ ଶୀର୍ଷକ ରାଜ୍ୟସ୍ତରୀୟ ଅଂଶୀଦାର ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟ ସରକାର ଏହି ଦୁଇଟି ଯାକ ମିଶନକୁ ସଫଳ କରିବା ପାଇଁ ପ୍ରତିବଦ୍ଧ ଅଛନ୍ତି। ପୂର୍ବ ଭାରତର ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଏବଂ ଚିଙ୍ଗୁଡ଼ି ରପ୍ତାନୀର ହବ୍ ଭାବେ ଓଡ଼ିଶାକୁ ବିକଶିତ କରିବାକୁ ବିଭାଗର ଲକ୍ଷ୍ୟ ରହିଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ, ଓଡ଼ିଶାକୁ ଏକ ପ୍ରମୁଖ ବ୍ଲୁ ଇକୋନୋମି ତଥା ନୀଳ ଅର୍ଥନୀତି ଅଭିବୃଦ୍ଧି କେନ୍ଦ୍ର ଭାବେ ଗଢ଼ି ତୋଳାଯିବ । “ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ମିଶନ” ଜରିଆରେ ବଙ୍ଗୋପସାଗରର ଗଭୀର ଏବଂ ଦୂର ସମୁଦ୍ରରେ ଥିବା ମତ୍ସ୍ୟ ସମ୍ପଦ ବିନିଯୋଗ ହେବ । ଏହା ଦ୍ୱାରା ବାର୍ଷିକ ଅତିରିକ୍ତ ୨ ଲକ୍ଷ ମେଟ୍ରିକ ଟନ୍ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ସହିତ ୫୦,୦୦୦ରୁ ଅଧିକ ରୋଜଗାର ସୁଯୋଗ ସୃଷ୍ଟି ହେବ । ମତ୍ସ୍ୟଜୀବୀଙ୍କ ଆୟ ୨ରୁ ୩ ଗୁଣ ବୃଦ୍ଧି ପାଇବ। ୨୦୩୬ ସୁଦ୍ଧା ବାର୍ଷିକ ସାମୁଦ୍ରିକ ରପ୍ତାନି ଆୟ ୫,୦୦୦ କୋଟିକୁ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ। ଆଗାମୀ ୫ ବର୍ଷ ମଧ୍ୟରେ ୧୫୦ଟି ନୂତନ ଗଭୀର ସମୁଦ୍ର ଜାହାଜ ନିର୍ମାଣ, ୫୦୦ଟି ଯାନ୍ତ୍ରିକ ଡଙ୍ଗାର ଆଧୁନିକୀକରଣ, ପାରାଦୀପ, ଧାମରା, ଚାନ୍ଦିପୁର ଏବଂ ଅସ୍ତରଙ୍ଗ ଭଳି ମତ୍ସ୍ୟ ବନ୍ଦରର ବିଶ୍ୱସ୍ତରୀୟ ଉନ୍ନତିକରଣ, ୧୦୩ଟି ମତ୍ସ୍ୟ ଅବତରଣ କେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ନୀଳ ଅର୍ଥନୀତି ମାନଚିତ୍ରରେ “ଓଡ଼ିଶା ଚିଙ୍ଗୁଡ଼ି ମିଶନ” କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି । ସୁପର-ଇଣ୍ଟେନ୍ସିଭ୍ (ଅତ୍ୟଧିକ ଘନତାଭିତିକ) ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ମାଧ୍ୟମରେ ବାର୍ଷିକ ହେକ୍ଟର ପ୍ରତି ୩୦ରୁ୪୦ ମେଟ୍ରିକ ଟନ୍ ଉତ୍ପାଦନ, ଚିଙ୍ଗୁଡି ଜାଆଁଳା ହାଚେରୀ, ଫିଡ୍ ମିଲ୍ ଏବଂ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ କରାଯିବ । ଓଡ଼ିଶାକୁ ଭାରତର ଶୀର୍ଷ ଚିଙ୍ଗୁଡ଼ି ଉତ୍ପାଦନକାରୀ ଏବଂ ରପ୍ତାନିକାରୀ ରାଜ୍ୟରେ ପରିଣତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ । ଏହି କର୍ମଶାଳା ଅବସରରେ ‘ରେସପନସିବୁଲ୍ ଆକ୍ୱାକଲଚର ଜୋନ୍ ପ୍ଲାନିଂ’ ଏବଂ “ଜିଓସ୍ପାସିଆଲ୍ ମ୍ୟାପିଂ” ମାଧ୍ୟମରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଚାଷର ଉନ୍ନତି ନିମନ୍ତେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ ଆଇସିଏଆର-ସିଆଇବିଏ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ଆୟୁକ୍ତ ତଥା ସଚିବ ପ୍ରେମଚନ୍ଦ୍ର ଚୌଧୁରୀ ଦୁଇଟି ଯାକ ମିଶନର ଆଭିମୁଖ୍ୟ ବାବଦରେ ବିଷଦ ଭାବେ ଉପସ୍ଥାପନ କରିଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମତ୍ସ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ବୈଷୟିକ) ସୁବ୍ରତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ, ଆଇସିଏଆର ଅନୁଷ୍ଠାନର ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଏବଂ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡର ବରିଷ୍ଠ ଅଧିକାରୀ ଯୋଗଦେଇ ପୋଷଣ ସୁରକ୍ଷା, ଜୀବିକା, ରୋଜଗାର ଏବଂ ରପ୍ତାନି ଆୟ ବୃଦ୍ଧିରେ ‘ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ମିଶନ’ ଏବଂ ‘ଓଡ଼ିଶା ଚିଙ୍ଗୁଡ଼ି ମିଶନ’ ଏକ ମାଇଲଖୁଣ୍ଟ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୋଟ ୫ଟି ଅଧିବେଶନ ଆୟୋଜିତ ହୋଇଥିବା ବେଳେ ଏହି କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଅଂଶୀଦାରମାନେ ଯୋଗ ଦେଇ ସେମାନଙ୍କ ଗଠନମୂଳକ ମତାମତ ଉପସ୍ଥାପନ କରିଥିଲେ।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
Vol -10 • Issue-49 • ୧୦-୧୬ June 2026 • Bhubaneswar
ସମୁଦ୍ରରେ ମିଶୁଛି କୁଢ଼ କୁଢ଼ ଆବର୍ଜନା, ନଷ୍ଟ ହେଉଛି ପ୍ରାକୃତିକ ପରିବେଶ
ଭାରତର ପ୍ରଜନନ ହାରକୁ ନେଇ ଚିନ୍ତା ପ୍ରକଟ କଲେ ଏଲନ ମସ୍କ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ରଥଯାତ୍ରାରେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ

**ପୁରୀ, ୧୧/୦୬ ନ୍ୟୁଜ ବ୍ୟୁରୋ**

ପାଖେଇ ଆସୁଛି ବିଶ୍ୱ ପ୍ରସିଦ୍ଧ ମହାପ୍ରଭୁଙ୍କ ରଥଯାତ୍ରା । ରଥଯାତ୍ରାକୁ ସୁରୁଖୁରୁରେ ଆୟୋଜନ କରିବା ନେଇ ସବୁ ପ୍ରଶାସନିକ ବିଭାଗ ପକ୍ଷରୁ ଚାଲିଛି ଜୋରସୋରରେ ପ୍ରସ୍ତୁତି । ବଡ଼ଦାଣ୍ଡରେ ୪୮ଟି ବିପଦସଂକୁଳ କୋଠା ମଧ୍ୟ ଚିହ୍ନଟ କରିଛି ପୁରୀ ଜିଲ୍ଲା ପ୍ରଶାସନ । ଏହି କୋଠା ଗୁଡ଼ିକ ଯେ କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ଯିବାର ଆଶଙ୍କା ରହିଛି । ରଥଯାତ୍ରା ସମୟରେ ଏହି ସବୁ କୋଠା ଉପରେ ଯେଭଳି କେହି ଭକ୍ତ ନ ଚଢ଼ିବେ, ସେନେଇ ଯୋଜନା ହୋଇଛି । ରଥଯାତ୍ରା ପୂର୍ବରୁ ଏହି ସବୁ କୋଠାକୁ ସିଲ୍ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବିପଦ ସଂକୁଳ କୋଠା ତାଲିକାରେ ବଡ଼ଦାଣ୍ଡରେ ଥିବା ଗୋଏଙ୍କା ଧର୍ମଶାଳା, ରାଧା ବଲ୍ଲଭ ମଠ ଓ ଝାଞ୍ଜପିଟା ମଠ ରହିଛି । ଏହିସବୁ ମଠରେ ଶହ ଶହ ଭକ୍ତ ରାତ୍ରି ଯାପନ କରନ୍ତି । ତେବେ ଏହି ବିପଦ ସଂକୁଳ କୋଠାରେ ଭକ୍ତଙ୍କୁ କିଭଳି ରହିବା ପାଇଁ ଦିଆଯାଉଅଛି ସେ ନେଇ ପ୍ରଶ୍ନ ଉଠିଛି। ଏସବୁ ଭୁଶୁଡ଼ି ପଡ଼ିଲେ ଯେଉଁ ଜୀବନହାନି ହେବ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି।

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ନିଜ ପ୍ରତିକ୍ରିୟାରେ କହିଛନ୍ତି,‘ରଥଯାତ୍ରାରେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ବଡଦାଣ୍ଡରେ ଥିବା ୪୮ଟି ଅସୁରକ୍ଷିତ କୋଠା ଚିହ୍ନଟ ହୋଇଛି । ଚଳିତ ରଥଯାତ୍ରାରେ ଏହି ଅସୁରକ୍ଷିତ କୋଠା ଉପରେ ବସିବା ପାଇଁ କୌଣସି ଭକ୍ତଙ୍କୁ ଅନୁମତି ଦିଆଯିବ ନାହିଁ । ରଥଯାତ୍ରା ପୂର୍ବରୁ ଏହି କୋଠା ଗୁଡ଼ିକୁ ସମ୍ପୂର୍ଣ୍ଣ ସିଲ୍ କରାଯିବ ।



ସୁରକ୍ଷିତ ରଥଯାତ୍ରା ପାଇଁ ଅଗ୍ନିଶମ ବିଭାଗ ମଧ୍ୟ ପ୍ରସ୍ତୁତି ଜାରି ରଖିଛି । ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ ପୁରୀ ଆସି ରଥଯାତ୍ରା ନିମନ୍ତେ ଅଗ୍ନିଶମ ବିଭାଗର ସମସ୍ତ ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି । ଯାତ୍ରୀ ରହୁଥିବା ସ୍ଥାନ ସମେତ ସବୁ ହୋଟେଲ, ଲଜ୍, ଗେଷ୍ଟ ହାଉସ୍, ଯାତ୍ରୀ ନିବାସ, ହୋମ୍ ଷ୍ଟେ, ଧର୍ମଶାଳା ସମେତ ସପିଂ ମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ା ଯାଞ୍ଚ ନେଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ପୁରୀ ସହରରେ ଥିବା ୭୦୦ରୁ ଅଧିକ ହୋଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ହେତୁ ଏହାକୁ ନେଇ ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ରଥଯାତ୍ରା ପୂର୍ବରୁ ସବୁ ବ୍ୟବସାୟିକ ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲ୍ଲା ପ୍ରଶାସନର ଏକ ସ୍ୱତନ୍ତ୍ର ଟିମ୍ ବଡ଼ଦାଣ୍ଡରେ ଅସୁରକ୍ଷିତ ୪୮ଟି କୋଠାକୁ ଚିହ୍ନଟ କରିଛି। ପ୍ରତିବର୍ଷ ରଥ ଯାତ୍ରା ପୂର୍ବରୁ ଏହି ଅସୁରକ୍ଷିତ କୋଠା ଚିହ୍ନଟ କରାଯାଏ । ରଥଯାତ୍ରା ସମୟରେ ଏହି କୋଠା ଗୁଡ଼ିକ ଉପରେ ଚଢ଼ିବା ପାଇଁ କଟକଣା ଲାଗେ। ହେଲେ କଟକଣା ଅମାନ୍ୟ କରାଯାଇ ଭକ୍ତଙ୍କୁ ଏହି ଅସୁରକ୍ଷିତ କୋଠା ଉପରେ ବସିବାକୁ ଦିଆଯାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି କିଛି ବ୍ୟକ୍ତି। ଏଣୁ କେବଳ ଲୋକ ଦେଖାଣିଆ ଭାବେ ଅସୁରକ୍ଷିତ କୋଠାକୁ ଚିହ୍ନଟ କରାନଯାଇ, ଏହି କୋଠା ଉପରେ ଲୋକମାନେ ନ ବସିବା ପାଇଁ କଡା କଟକଣା ଲାଗୁ କରାଯିବାକୁ ବୁଦ୍ଧିଜୀବୀ ମତ ଦେଇଛନ୍ତି ।